## ସଂକ୍ଷେପରେ

**ବ୍ରହ୍ମପୁର**

- ଜାତୀୟ କୃମି ନାଶକ ଦିବସ। ସ୍ଥାନ- ଗୋଳନ୍ଥରା ବିଜୁ ଆଦର୍ଶ ବିଦ୍ୟାଳୟ । ସମୟ-ପୂର୍ବାହ୍ନ ୧୦ଟା ।

## ଓଭର ଲୋଡିଙ୍ଗରୁ ଟ୍ରାନ୍ସଫର୍ମରରେ ଅଗ୍ନିକାଣ୍ଡ



**ବ୍ରହ୍ମପୁର ଅଫିସ,୭।୮:** ଟାଉନ ଥାନା ଅନ୍ତର୍ଗତ କଂଗ୍ରେସ ଅଫିସ ନିକଟରେ ଥିବା ଏକ ଟ୍ରାନ୍ସଫର୍ମରରେ ବୁଧବାର ଅଗ୍ନିକାଣ୍ଡ ଘଟିଛି। ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ବନୋଦ ପଣ୍ଡାଙ୍କ କହିବା ଅନୁସାରେ, ଟ୍ରାନ୍ସଫର୍ମର ଉପରେ କ୍ଷମତାଠାରୁ ଅଧିକ ଲୋଡିଂ ପଡିଥିଲା। ଫଳରେ ସେଥିରୁ ତେଲ ବାହାରି ଅଗ୍ନିକାଣ୍ଡ ଘଟିଥିଲା। ଦମକଳ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ପ୍ରଥମେ ବିଦ୍ୟୁତ୍ ବିଭାଗକୁ ଖବର କରିଥିଲେ। ବିଦ୍ୟୁତ୍ ସରବରାହ ବନ୍ଦ କରାଯାଇଥିଲା। ପରେ ନିଆଁକୁ ଆୟତ୍ତ କରିଥିଲେ।

# ପାରଳା ମହାରାଜା ଇଞ୍ଜିନିୟରିଂ କଲେଜରେ ଛାତ୍ର ଅଶାନ୍ତି

**ବ୍ରହ୍ମପୁର ଅଫିସ, ୭।୮**

ବ୍ରହ୍ମପୁର ଉପକଣ୍ଠ ଚଣ୍ଡିପଦରରେ ଥିବା ପାରଳା ମହାରାଜା ଇଞ୍ଜିନିୟରିଂ କଲେଜରେ ଛାତ୍ର ଅଶାନ୍ତି ଦେଖାଦେଇଛି। ୧ନଂ. ଛାତ୍ରାବାସରେ ମଙ୍ଗଳବାର ଗ୍ୟାସ୍ ପାଇପ୍ ଫାଟି ୩ ଛାତ୍ର ଆହତ ହେବା ଘଟଣାକୁ ନେଇ ବୁଧବାର ଛାତ୍ରମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ । ସକାଳୁ ଛାତ୍ରମାନେ ୬ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଫାଟକରେ ତାଲା ପକାଇବା ସହ ଧାରଣାରେ ବସିଥିଲେ । ଫଳରେ ବହୁ ଛାତ୍ରୀଛାତ୍ର, ଅଧ୍ୟାପକ ଅଟକି ରହିଥିଲେ। ଭାରପ୍ରାପ୍ତ ଅଧ୍ୟକ୍ଷ ଶରତ କୁମାର ସାହୁ ଆନ୍ଦୋଳନ ସ୍ଥଳରେ ପହଞ୍ଚି ଛାତ୍ରଙ୍କ ସହ ଆଲୋଚନା କରିବାପରେ ୭ ଦିନରେ ଦାବି ପୂରଣ ନେଇ ପ୍ରତିଶ୍ରୁତି ଦେବା ପରେ ଧାରଣା ହଟିଥିଲା ।

ମଙ୍ଗଳବାର ୧ନଂ. ଛାତ୍ରାବାସରେ ଜଳଖିଆ ପ୍ରସ୍ତୁତ ବେଳେ ଗ୍ୟାସ୍ ଫାଇପ ଫାଟି ଜଣେ ରୋଷେୟା ଏବଂ ୩ଜଣ ଛାତ୍ର ଆହତ ହୋଇଥିଲେ। ଘଟଣାର ୧୨ ଘଣ୍ଟା ବିତିଥିଲେ ମଧ୍ୟ କ୍ୟାଣ୍ଟିନ ପରିଚାଳକ ସମସ୍ୟା ସମାଧାନ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲେ । ଫଳରେ ଛାତ୍ରମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା। ଘଟଣାରେ ଆହତ ଛାତ୍ରଙ୍କୁ କ୍ଷତିପୂରଣ ଦେବା ସହ କ୍ୟାଣ୍ଟିନ ପରିଚାଳକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଥିଲେ । ହଷ୍ଟେଲରେ ଅନୁପସ୍ଥିତ ସମୟରେ ବିଲ ନିଆଯାଉଛି। ତାକୁ ତୁରନ୍ତ ଛାଡ କରିବାକୁ ଛାତ୍ରମାନେ କହିଥିଲେ । କଲେଜ ସହରଠାରୁ ପ୍ରାୟ ୧୫ କି.ମି. ଦୂରରେ ଥିଲେ ମଧ୍ୟ ବାରମ୍ବାର ଦାବି ସତ୍ତ୍ୱେ ଆମ୍ବୁଲାନ୍ସ ବ୍ୟବସ୍ଥା ନ ଥିବା ଦୁର୍ଭାଗ୍ୟ ଜନକ । ତୁରନ୍ତ ଏହି ସେବା ଆରମ୍ଭ କରିବା ସହ ହଷ୍ଟେଲରେ ଅଗ୍ନି ନିର୍ବାପକ ଯନ୍ତ୍ର ରଖିବା, ଭଲ ଖାଦ୍ୟ ଦେବା ଉପରେ ଧ୍ୟାନ ଦେବାକୁ ଛାତ୍ରମାନେ ଦାବି କରିଥିଲେ । ଭାରପ୍ରାପ୍ତ ଅଧ୍ୟକ୍ଷ ସାହୁ ଛାତ୍ରଙ୍କ ସହ ଆଲୋଚନା କରି ଦାବିପତ୍ର ଗ୍ରହଣ କରିଥିଲେ । ଆସନ୍ତା ୭ ଦିନ ମଧ୍ୟରେ ସମସ୍ତ ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଦେବା ପରେ ଛାତ୍ରମାନେ ଧାରଣାରୁ ହଟିବା ସହ ଫାଟକରୁ ତାଲା ଖୋଲିଥିଲେ ।

ସୂଚନାଯୋଗ୍ୟ, ମଙ୍ଗଳବାର ସକାଳେ ୧ନଂ.ଛାତ୍ରାବାସରେ ଜଳଖିଆ ପ୍ରସ୍ତୁତି ବେଳେ ରନ୍ଧନ ଗ୍ୟାସ ପାଇପ୍ ଫାଟି ଛାତ୍ର ମୁକେଶ ପଣ୍ଡା, ଅଶ୍ୱିନୀ ନାୟକ, ରାକେଶ ରାଉତ ଓ ଜଣେ ରୋଷେୟା ଆହତ ହୋଇଥିଲେ।



ଭାରପ୍ରାପ୍ତ ଅଧ୍ୟକ୍ଷ ଛାତ୍ରଙ୍କ ସହ ଆଲୋଚନା କରୁଛନ୍ତି ।

**ଗ୍ୟାସ୍ ପାଇପ ଫାଟିବା ଘଟଣା**

- କ୍ୟାଣ୍ଟିନ ପରିଚାଳକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି
- ଫାଟକରେ ତାଲା ପକାଇଲେ ଛାତ୍ରୀଛାତ୍ର
- ୬ ଘଣ୍ଟା ଧରି ବାହାରେ ଅଟକି ରହିଲେ ଛାତ୍ରୀଛାତ୍ର, ଅଧ୍ୟାପକ



ବର୍ଷା ସତ୍ତ୍ୱେ ଦୁଇଜଣ ମହିଳା ଗନ୍ତବ୍ୟସ୍ଥଳକୁ ଯାଉଛନ୍ତି।(ଫଟୋ: ସମୀର)

# ଦୁଇ ବାମପନ୍ଥୀ ଦଳର ପ୍ରତିବାଦ ସଭା

**ବ୍ରହ୍ମପୁର ଅଫିସ,୭।୮**

କେନ୍ଦ୍ର ଏନ୍‌ଡିଏ ସରକାର ଜମ୍ମୁ-କାଶ୍ମୀରରୁ ୩୭୦ ଧାରା ଉଚ୍ଛେଦ ଏବଂ ଲଦାଖକୁ ଅଲଗା କରିବା ପ୍ରତିବାଦରେ ବାମପନ୍ଥୀ ଦଳ ସିପିଆଇ ଓ ସିପିଏମ୍ ପକ୍ଷରୁ ବୁଧବାର ବ୍ରହ୍ମପୁର ପୁରୁଣା ବସ୍‌ଷ୍ଟାଣ୍ଡରେ ବିକ୍ଷୋଭ ସମାବେଶ କରାଯାଇଥିଲା। ସିପିଆଇ ଜିଲା ସମ୍ପାଦକ ପ୍ରକାଶ ପାତ୍ର, ଯୁବ ସଂଗଠନ ରାଜ୍ୟ ନେତା ପ୍ରଦୀପ ସେଠୀ ଓ ନୀଳକଣ୍ଠ ଦାସ ପ୍ରମୁଖ ଏବଂ ସିପିଏମ୍ ଜିଲା ସମ୍ପାଦକ କୈଳାସ ଷଡ଼ଙ୍ଗୀଙ୍କ ସମେତ ହରିକୃଷ୍ଣ ରେଡ୍ଡୀ ଓ ଯୁଧିଷ୍ଠିର ବେହେରା ପ୍ରମୁଖ ଏଥିରେ ଯୋଗ ଦେଇଥିଲେ । ଦୁଇ ଦଳର କର୍ମୀମାନେ ଉପସ୍ଥିତ ଥିଲେ । ଏକ ସମ୍ବେଦନଶୀଳ ଘଟଣାକ୍ରମେ ଜନସାଧାରଣ ଓ ବିଭିନ୍ନ ରାଜନୈତିକ ଦଳ ମତାମତ ନିଆ ନ ଯାଇ ତରବରିଆ ଭାବେ ସମ୍ବିଧାନର ୩୭୦ ଧାରା ଉଚ୍ଛେଦ ଏବଂ ଦୁଇଟି କେନ୍ଦ୍ର ଶାସିତ ଅଞ୍ଚଳ ଘୋଷଣା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ ହୋଇଥିବା ସମାଲୋଚନା କରାଯାଇଥିଲା। ଅପରପକ୍ଷରେ ରାଜ୍ୟସଭା ଓ ଲୋକ ସଭାରେ ଏ ସମ୍ପର୍କିତ ସଂକଳ୍ପ ପାରିତ କରାଯାଇଥିବାରୁ ବାମପନ୍ଥୀ ନେତାମାନେ ନିନ୍ଦା କରିଥିଲେ । ଜମ୍ମୁ ଓ କଶ୍ମୀରବାସୀଙ୍କ ପ୍ରତି ଘୋର ଅନ୍ୟାୟ କରାଯାଇଥିବା କଟାକ୍ଷ କରାଯାଇଥିଲା । ବୁଧବାର ଦେଶ ବ୍ୟାପି ଏଭଳି କାର୍ଯ୍ୟକ୍ରମ ହୋଇଥିବା ସୂଚନା ଦିଆଯାଇଥିଲା ।




ବାମଦଳର ପ୍ରତିବାଦ ସଭାରେ ନେତାମାନେ ।

## ବର୍ଷା ବିଭ୍ରାଟ:ଦିନେ ବନ୍ଦ ରହିଲା ସ୍କୁଲ

**ବ୍ରହ୍ମପୁର ଅଫିସ୍,୭।୮:** ଲଘୁଚାପ ପ୍ରଭାବ ଯୋଗୁ ଗଞ୍ଜାମ ଜିଲାରେ ସୋମବାର ରାତିରୁ ବର୍ଷା ଲାଗି ରହିଛି । ତୁହାକୁ ତୁହା ବର୍ଷା ଛେଚୁଛି । ଏଥିଯୋଗୁ ଜନଜୀବନ ପ୍ରଭାବିତ ହୋଇଛି। ଏହାକୁ ଦେଖି ବୁଧବାର ଗୋଟିଏ ଦିନ ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶରେ ସମସ୍ତ ସ୍କୁଲଗୁଡ଼ିକ ଛୁଟି ଘୋଷଣା କରାଯାଇଥିଲା। କେବଳ ଛାତ୍ରୀଛାତ୍ରଙ୍କ ପାଇଁ ଛୁଟି ଥିଲା, କିନ୍ତୁ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଜାରି କରାଯାଇଥିଲା। ବର୍ଷାକୁ ଦେଖି ଯଦି କୌଣସି ସ୍ଥାନରେ ଉଦ୍ଧାର କାର୍ଯ୍ୟ କିମ୍ବା ପ୍ରଭାବିତଙ୍କ ଥଇଥାନର ଆବଶ୍ୟକତା ପଡ଼େ ତେବେ ଶିକ୍ଷକଙ୍କୁ ସହଯୋଗ ପାଇଁ ସେମାନଙ୍କୁ ରହିବାକୁ କୁହାଯାଇଥିଲା । ଏନେଇ ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଜିଲା ଶିକ୍ଷା ଅଧିକାରୀ ସନାତନ ପଣ୍ଡା ସୂଚନା ଦେଇଛନ୍ତି । ନିର୍ଦ୍ଦେଶ ଜାରି ବେଳକୁ ବୁଧବାର ସକାଳ ୮ଟା ହୋଇଯାଇଥିଲା। ଏହା ପୂର୍ବରୁ ଘରୋଇ ସ୍କୁଲଗୁଡ଼ିକ ଖୋଲିଯାଇଥିଲା।

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ : ଯୁକ୍ତ ୩ ବ୍ୟାକ ଫଳ ପ୍ରକାଶ ବିଳମ୍ବ ଘଟଣା**

# ପୁଣି ଧାରଣାରେ ବସିଲେ ଛାତ୍ରୀଛାତ୍ର

**ବ୍ରହ୍ମପୁର ଅଫିସ, ୭।୮**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ମହାବିଦ୍ୟାଳୟରେ ଅଧ୍ୟୟନ ଛାତ୍ରୀଛାତ୍ରଙ୍କ ଯୁକ୍ତ ୩ ଦ୍ୱିତୀୟ ଓ ତୃତୀୟ ସେମିଷ୍ଟର ବ୍ୟାକ ପରୀକ୍ଷା ଫଳ ପ୍ରକାଶରେ ବିଳମ୍ବକୁ ନେଇ ପୁଣି ଛାତ୍ର ଅଶାନ୍ତି ଦେଖାଦେଇଛି। ବୁଧବାର ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମଲେଖାକୁ ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ମେରିଟ୍ ଲିଷ୍ଟ ପ୍ରକାଶ ପରେ ଯୁକ୍ତ ୩ ବ୍ୟାକ ପେପର ପରୀକ୍ଷା ଦେଇଥିବା ଛାତ୍ରୀଛାତ୍ରମାନେ ପୁଣି ଆନ୍ଦୋଳନ କରିଛନ୍ତି । ପ୍ରକାଶ ପାଇଥିବା ମେରିଟ୍ ଲିଷ୍ଟ ବାତିଲ କରି ବ୍ୟାକ ପେପର ଫଳ ପରେ ତାଲିକା ପ୍ରକାଶ କରିବାକୁ ସେମାନେ ଦାବି କରି ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷାଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ। ଏହାର ସମାଧାନ କ୍ଷେତ୍ରରେ ସ୍ନାତକ ପରିଷଦ ଅଧ୍ୟକ୍ଷା ପ୍ରଫେସର ଅରୁନ୍ଧତୀ ରଥ ଅସମର୍ଥ ପ୍ରକାଶ କରିବା ସହ ଭାରପ୍ରାପ୍ତ କୁଳପତି ତଥା ଆରଡିସି ଟି. ଆଓଙ୍କୁ ଏନେଇ ଅବଗତ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଫଳରେ ଗୁରୁବାର ଛାତ୍ରୀଛାତ୍ରମାନେ ଆରଡିସିଙ୍କୁ ଭେଟିବେ ବୋଲି ସୂଚନା ମିଳିଛି । ଯୁକ୍ତ ୩ ଦ୍ୱିତୀୟ ଓ ତୃତୀୟ ସେମିଷ୍ଟର ବ୍ୟାକପେପର ପରୀକ୍ଷା ଖାତା ମୂଲ୍ୟାୟନ ଜୁଲାଇ ୩୧ରୁ ଶେଷ ହୋଇଛି । ଫଳ ପ୍ରକାଶ ନେଇ ବିଳମ୍ବ ହେଉଛି । ତଥାପି ଆସନ୍ତା ୨୦ ରୁ ୨୨ ସୁଦ୍ଧା ଫଳ ପ୍ରକାଶ କରିବା ନେଇ ଏନ୍‌ଆଇସି ସୂଚନା ଦେଇଥିବା ପରୀକ୍ଷା ନିୟନ୍ତ୍ରକ ସୁରେନ୍ଦ୍ର ସେଠୀ ସୂଚାଇଛନ୍ତି।

# ଗଞ୍ଜାମ ଜିଲା ଭାଜପାର ସ୍ମୃତିଚାରଣ ସଭା

**ବ୍ରହ୍ମପୁର ଅଫିସ,୭।୮**

ପୂର୍ବତନ ବୈଦେଶିକ ମନ୍ତ୍ରୀ ତଥା ବରିଷ୍ଠ ରାଜନେତ୍ରୀ ସୁଷମା ସ୍ୱରାଜଙ୍କ ବିୟୋଗରେ ଗଞ୍ଜାମ ସାଙ୍ଗଠନିକ ଜିଲା ଭାଜପା ପକ୍ଷରୁ ଶୋକସଭା ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା। ଗାନ୍ଧୀନଗର ଛକସ୍ଥ ଦଳ କାର୍ଯ୍ୟାଳୟରେ ହୋଇଥିବା ସଭାରେ ଜିଲା ସଭାପତି କାହ୍ନୁ ଚରଣ ପତି ଅଧ୍ୟକ୍ଷତା କରିଥିଲେ। ଭାଜପାର ଟାଣୁଆ ନେତ୍ରୀ ସୁଷମା ବିଭିନ୍ନ ମନ୍ତ୍ରଣାଳୟର ମନ୍ତ୍ରୀ ଭାବେ ଦକ୍ଷତାର ସହ ଦାୟିତ୍ୱ ତୁଲାଇଥିବା ଏବଂ ନରେନ୍ଦ୍ର ମୋଦିଙ୍କ ପ୍ରଥମ ପାଳି ସରକାରରେ ସେ ଗୁରୁତ୍ୱପୂର୍ଣ୍ଣ ବୈଦେଶିକ ମନ୍ତ୍ରୀ ଭାବେ ଦେଶ ବିଦେଶରେ କିଭଳି ସୁନାମ ଅର୍ଜନ କରିଥିଲେ ତାହା ମନେ ପକାଇ ଦେଇଥିଲେ। ରାଜ୍ୟ ସମ୍ପାଦକ ବିଭୂତି ଜେନା, ଜିଲା ଉପସଭାପତି ସୁନୀଲ କୁମାର ସାହୁ, ପ୍ରଭାତ ଷଡ଼ଙ୍ଗୀଙ୍କ ସମେତ ମଦନ ମୋହନ ପାତ୍ର, ମହିଳା ମୋର୍ଚ୍ଚାର ସୁବାସିନୀ ପଟ୍ଟନାୟକ, ସୁଜାତା ବିଷୋୟୀ, ନୀତାରାଣୀ ପଣ୍ଡା ପ୍ରମୁଖ ସୁଷମାଙ୍କ ସ୍ମୃତିଚାରଣ କରିଥିଲେ। ସଭାପତି ଓ ଅନ୍ୟମାନେ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା ସହ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।ଛାମୁଆ ସଂଗଠନର କାର୍ଯ୍ୟକର୍ତ୍ତା ଓ କର୍ମୀମାନେ ଉପସ୍ଥିତ ଥିଲେ।

**ରାଜ୍ୟସ୍ତରୀୟ ଆଧୁନିକ ଶିକ୍ଷଣ କୌଶଳ କର୍ମଶାଳା**

# ଘଣ୍ଟା ଦେଖି ପଢ଼ାଇବା, ଶିକ୍ଷକତା ନୁହେଁ



ଉଦ୍‌ଘାଟନୀ ଅଧିବେଶନରେ ରେଭେନଶା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଇଶାନ୍ କୁମାର ପାତ୍ର ବକ୍ତବ୍ୟ ରଖୁଛନ୍ତି ।

**ବ୍ରହ୍ମପୁର ଅଫିସ୍,୭।୮**

ଜଣେ ଶିକ୍ଷକ କେତେ ସମୟ ପଢ଼ାଇବା ଉଚିତ, ତାକୁ ନେଇ ବିତର୍କ ଚାଲିଛି। ସରକାରୀ ନିୟମ ଗୋଟିଏ ଥିବା ବେଳେ ବାସ୍ତବତା ଭିନ୍ନ। କିନ୍ତୁ ଘଣ୍ଟା ଦେଖି ପାଠ ପଢ଼ାଇବା, ଶିକ୍ଷକତା ନୁହେଁ। ଶ୍ରମିକମାନେ ଘଣ୍ଟା ଦେଖି କାର୍ଯ୍ୟ କରନ୍ତି, ଶିକ୍ଷକ ନୁହେଁ । ଯେତେ ସମୟ ପର୍ଯ୍ୟନ୍ତ ଜଣେ ଶିକ୍ଷକ ଛାତ୍ରୀଛାତ୍ରଙ୍କ ଗହଣରେ ରହୁଛନ୍ତି, ପ୍ରତ୍ୟେକ କ୍ଷଣ ସେ ଶିକ୍ଷାଦାନ କରୁଛନ୍ତି ବୋଲି ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଈଶାନ୍ କୁମାର ପାତ୍ର ପ୍ରକାଶ କରିଛନ୍ତି। ଖଲ୍ଲିକୋଟ ମହାବିଦ୍ୟାଳୟରେ ବୁଧବାର ଅନୁଷ୍ଠିତ 'ଉଚ୍ଚ ଶିକ୍ଷାସ୍ତରରେ ନବପ୍ରବର୍ତ୍ତନଶୀଳ ଆଧୁନିକ ଶିକ୍ଷଣ କୌଶଳ:ସମ୍ଭାବନା ଓ ଆହ୍ୱାନ' ସମ୍ମାନକୁ ଉଦ୍‌ଘାଟନ କରିବା ଅବସରରେ ସେ ଏହା କହିଥିଲେ। ଜାତୀୟ ମାନନିର୍ଦ୍ଧାରଣ ଓ ମୂଲ୍ୟାୟନ ପରିଷଦ(ନାକ୍) ପ୍ରାୟୋଜିତ ତଥା ମହାବିଦ୍ୟାଳୟର ଆଇକ୍ୟୁଏସି ସେଲ୍ ଆନୁକୂଲ୍ୟରେ ଆୟୋଜିତ ଏହି ସମ୍ମାନ ଗଣେଶ ହଲ୍‌ରେ ଆୟୋଜିତ ହୋଇଥିଲା । ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଫେସର ପାତ୍ର କହିଥିଲେ, ଅତ୍ୟାଧୁନିକ ଜ୍ଞାନ କୌଶଳ ଯେତିକି ବିକଶିତ ହେବାରେ ଲାଗିଛି, ଶିକ୍ଷକଙ୍କ ସମ୍ମୁଖରେ ଆହ୍ୱାନ ସେତିକି ବଢ଼ିବାରେ ଲାଗିଛି । ଇଣ୍ଟରନେଟ୍‌ର ବହୁଳ ପ୍ରଭାବ ଯୋଗୁ ବର୍ତ୍ତମାନ ଛାତ୍ରୀଛାତ୍ରମାନେ ହାତ ପାହାନ୍ତାରେ ସମସ୍ତ ପ୍ରକାର ତଥ୍ୟ ପାଇପାରୁଛନ୍ତି । ଏଭଳି ସମୟରେ ଜଣେ ଶିକ୍ଷକ କିଭଳି କୌଶଳ ଆପଣାଇ ଶିକ୍ଷାଦାନ କରୁଛନ୍ତି, ତାହା ହିଁ ସମ୍ପୃକ୍ତ ଶିକ୍ଷକଙ୍କୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗ୍ରହଣୀୟ କରିଥାଏ ।

ଓଡ଼ିଶା ଉଚ୍ଚ ଶିକ୍ଷା ପରିଷଦ ଉପାଧ୍ୟକ୍ଷ ପ୍ରଫେସର ଅଶୋକ କୁମାର ଦାସ ବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଦ୍ୱାରା ମୋବାଇଲ୍ ଫୋନ୍‌ର ବହୁଳ ପ୍ରଭାବ ଏବଂ ଲାଇବ୍ରେରି ପ୍ରତି କମୁଥିବା ଆଗ୍ରହ ଉପରେ ବକ୍ତବ୍ୟ ରଖିଥିଲେ। ଛାତ୍ରୀଛାତ୍ରମାନେ ଯେଉଁ ଜ୍ଞାନ କୌଶଳକୁ ଆପଣାଉଛନ୍ତି, ଶିକ୍ଷକମାନେ ମଧ୍ୟ ସେହି ଜ୍ଞାନ କୌଶଳର ବ୍ୟବହାର କରି ଶିକ୍ଷାଦାନ କରିବା ଆବଶ୍ୟକ ବୋଲି ସେ ପ୍ରକାଶ କରିଥିଲେ ।

ଉଦ୍‌ଘାଟନୀ ଅଧିବେଶନ ପ୍ରାରମ୍ଭରେ ମହାବିଦ୍ୟାଳୟ ଅଧ୍ୟକ୍ଷ ତଥା ଆଇକ୍ୟୁଏସିର ନିର୍ଦ୍ଦେଶକ ଡ. ପ୍ରତାପ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ଡ. ବିଭୂତି ପ୍ରସାଦ ବାରିକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଇକ୍ୟୁଏସି ସେଲ୍ ସଂଯୋଜକ ଡ. ମମତା ମହାପାତ୍ର ସମ୍ମାନର ଉଦ୍ଦେଶ୍ୟ ଏବଂ ବିଷୟ ଉପରେ ସୂଚନା ଦେଇଥିଲେ। ଅଧ୍ୟାପକ ଡ. ସୁଶୀଲ କୁମାର ରାଠୋର୍ ଧନ୍ୟବାଦ ଦେଇଥିଲେ । ଏହା ପରେ ବୈଷୟିକ ଅଧିବେଶନ ଆୟୋଜିତ ହୋଇଥିଲା । ନିମନ୍ତ୍ରିତ ସାଧନ ବିଶେଷଜ୍ଞ ଭାବେ ମହାବିଦ୍ୟାଳୟ ପରିଦର୍ଶକ ପ୍ରଫେସର ଡ. ବିଜୟ କୁମାର ମହାନ୍ତି, ଡ୍ରିମ୍‌ସ ବୈଷୟିକ ଅନୁଷ୍ଠାନ ଅଧ୍ୟକ୍ଷ ଡ. ରାଜେନ୍ଦ୍ର କୁମାର ଦାସ ଏବଂ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରାଧ୍ୟାପକ ଡ. ଜେ.ଏନ୍. ପଟ୍ଟନାୟକ ଉପସ୍ଥିତ ଥିଲେ । ମହାବିଦ୍ୟାଳୟ ବରିଷ୍ଠ ଅଧ୍ୟାପକ ଡ. ପଞ୍ଚାନନ ଗୌଡ଼ଙ୍କ ଅଧ୍ୟକ୍ଷତା ତଥା ପ୍ରାଧ୍ୟାପିକା ଡ. ରଚନାଙ୍କ ସଂଯୋଜନାରେ ଦ୍ୱିତୀୟ ଅଧିବେଶନ ଏବଂ ଡ. ଶ୍ରୀନିବାସ ମହାପାତ୍ରଙ୍କ ଅଧ୍ୟକ୍ଷତା ତଥା ଡ. ପିନାକୀ ମହାନ୍ତିଙ୍କ ସଂଯୋଜନାରେ ତୃତୀୟ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଅଭିଜ୍ଞ ଅଧ୍ୟାପିକା ଅଧ୍ୟାପକମାନେ ଯୋଗଦେଇ ପ୍ରବନ୍ଧ ଉପସ୍ଥାପନ କରିବା ସହ ଆଲୋଚନାରେ ଭାଗ ନେଇଥିଲେ। ସମ୍ମାନ ଅନ୍ତିମ ପର୍ଯ୍ୟାୟରେ ଉପାଧ୍ୟକ୍ଷ ଉତ୍ତମା ଜେନା ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପିକା ଡ. ରଶ୍ମିତା ପାଢୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅମରେନ୍ଦ୍ର ନାରାୟଣ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ପ୍ରଶାନ୍ତ କୁମାର ଶତପଥୀ ଏବଂ ଉଚ୍ଚ ଶିକ୍ଷା ଆଞ୍ଚଳିକ ନିର୍ଦ୍ଦେଶକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଯୋଗ ଦେଇଥିଲେ । ଶେଷରେ ଡ. ମମତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



## ସଂକ୍ଷେପରେ

### ଘୋଡ଼ାହାଡ଼ ନଦୀରୁ ଯୁବକ ଉଦ୍ଧାର

ହିଞ୍ଜିଳିକାଟୁ,୭।୮(ଡି.ଏନ୍.ଏ.): ହିଞ୍ଜିଳିକାଟୁ ନିକଟ ଘୋଡ଼ାହାଡ଼ ନଦୀ ସ୍ରୋତରେ ବୁଧବାର ମଧାହ୍ନରେ ଭାସି ଯାଉଥିବା ଜଣେ ବ୍ୟକ୍ତିଙ୍କୁ ଦମକଳ ବାହିନୀ ଉଦ୍ଧାର କରିଛି। ଉଦ୍ଧାର ବ୍ୟକ୍ତି ଜଣକ ଜଗନ୍ନାଥପ୍ରସାଦ ଅଞ୍ଚଳର ପୀତବାସ ପ୍ରଧାନ (୪୨)। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ପ୍ରକାରେ ବ୍ୟକ୍ତି ଜଣକ ଆସିକାରୁ ବାଇକରେ ହିଞ୍ଜିଳିକାଟୁ ଯାଉଥିଲେ। ଘୋଡ଼ାହାଡ଼ ପୋଲ ଉପରେ ବାଇକ ଓ ମୋବାଇଲ ରଖି ପୋଲ ଉପରୁ ନଦୀକୁ ଡେଇଁ ପଡିଥିଲେ। ଏନେଇ ସେଠାରେ ଉପସ୍ଥିତ କେତେକ ଲୋକେ ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳ ବାହିନୀ ପହଞ୍ଚି ପୀତବାସଙ୍କୁ ଖଣ୍ଡରା ଗ୍ରାମ ନିକଟରୁ ଉଦ୍ଧାର କରି ହିଞ୍ଜିଳିକାଟୁ ଡ଼ାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସା ପରେ ପୀତବାସଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ହୋଇଛି। ପରିବାର ଲୋକେ ଡ଼ାକ୍ତରଖାନାରେ ପହଞ୍ଚିଛନ୍ତି। କେଉଁ କାରଣରୁ ପୀତବାସ ଏପରି କରିଛନ୍ତି ତାହା ସ୍ପଷ୍ଟ ହୋଇନାହିଁ।

### ବାଘଲଟି ଜଳ ଭଣ୍ଡାରରେ ଫସିଥିବା ୪ ଉଦ୍ଧାର

ପାତ୍ରପୁର,୭।୮(ଡି.ଏନ୍.ଏ.)- ପାତ୍ରପୁର ବ୍ଲକ ତୁରୁବୁଡ଼ିଠାରେ ଥିବା ବାଘଲଟି ଜଳଭଣ୍ଡାରରେ ବୁଧବାର ଫସିଥିବା ୪ଜଣଙ୍କୁ ଉଦ୍ଧାର କରିଛି ପାତ୍ରପୁର ଦମକଳ ବାହିନୀ। ସେମାନେ ହେଲେ ବେହେରାପୁଟୁ ଗ୍ରାମର ସବିତା କାର୍ଯୀ (୧୯), ନରସିଂହ କାର୍ଯୀ (୪୫), ଏଲଗଲ ଗ୍ରାମର ଦଣ୍ଡପାଣି କାର୍ଯୀ (୧୬), ପ୍ରଫୁଲ୍ଲ କାର୍ଯୀ (୨୦)। ପୂର୍ବାହ୍ନରେ ୪ଜଣ ସବୁଦିନିଆ ଜଳ ପଥରେ ବାଘଲଟି ପାର ହୋଇ ତୁରୁବୁଡ଼ି ବଜାରକୁ ସାମଗ୍ରୀ ଆଣିବା ପାଇଁ ଆସି ଫେରୁଥିବାବେଳେ ପବନ ଓ ବର୍ଷା ହେବାରୁ ଡଙ୍ଗା ଭାରସାମ୍ୟ ହରାଇଥିଲା। ବୁଡ଼ିଯିବା ଭୟରେ ୪ଜଣ ଡ଼ଙ୍ଗାରୁ ନିକଟରେ ଥିବା ଏକ ଶୁଖିଲା ଗଛ ଉପରକୁ ଚଢ଼ିଯାଇ ଡ଼ଙ୍ଗାକୁ ବାନ୍ଧି ଦେଇଥିଲେ। ଖବର ପାଇ ପାତ୍ରପୁର ତହସିଲ ପ୍ରଶାସନ ଓ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ଗଛ ଉପରେ ରହିଥିବା ୪ଜଣଙ୍କୁ ଉଦ୍ଧାର କରିଛନ୍ତି।

### ଋଷିକୁଲ୍ୟା, ବଡନଦୀରେ ପ୍ରଥମ ବନ୍ୟାଜଳ

ଆସିକା,୭।୮(ଡି.ଏନ୍.ଏ.): ଗତ ସୋମବାର ଠାରୁ ଆସିକା ତଥା ଆଖପାଖ ଅଞ୍ଚଳରେ ଲଘୁଚାପ ଜନିତ ଲଗାଣ ବର୍ଷା ଲାଗି ରହିଛି। ବୁଧବାର ମଧାହ୍ନରେ ଆସିକାର ଉଭୟ ପାର୍ଶ୍ୱରେ ପ୍ରବାହିତ ଋଷିକୂଲ୍ୟା ଓ ବଡନଦୀରେ ପ୍ରଥମ ବନ୍ୟାଜଳ ପ୍ରବେଶ କରିଛି। ଆସିକାଠାରେ ଋଷିକୁଲ୍ୟା ବିପଦ ସଙ୍କେତ ୬.୭ ଫୁଟ ରହିଥିବାବେଳେ ବର୍ତ୍ତମାନ ୪.୬ ଫୁଟରେ ବନ୍ୟାଜଳ ପ୍ରବାହିତ ହେଉଛି। ସେହିଭଳି ବଡନଦୀର ବିପଦ ସଙ୍କେତ ୧୧ ଫୁଟ ରହିଥିଲା ବେଳେ ବର୍ତ୍ତମାନ ୨.୮ ଫୁଟରେ ବନ୍ୟାଜଳ ପ୍ରବାହିତ ହେଉଛି। ଗତ ୩ଦିନ ଧରି ଲାଗି ରହିଥିବା ଏହି ବର୍ଷାରେ ଆସିକା ଠାରେ ୧୦୩ ମି.ମି. ବୃଷ୍ଟିପାତ ରେକର୍ଡ କରାଯାଇଥିବା ବେଳେ ଉପରମୁଣ୍ଡ ଜାନିବିଲିଠାରେ ୧୦୫ ମି.ମି., ଉପରମୁଣ୍ଡ ସୋରଡା ଠାରେ ଗତ ୨୪ ଘଣ୍ଟାରେ ୮୫ ମି.ମି. ବୃଷ୍ଟିପାତ ହୋଇଥିବା ଜଳସମ୍ପଦ ବିଭାଗ ପକ୍ଷରୁ ରେକର୍ଡ କରାଯାଇଛି।



■ ବର୍ଷାରେ ବେହାଲ କନ୍ଧମାଳ

# ଫୁଲବାଣୀ-ବ୍ରହ୍ମପୁର, ବାଲିଗୁଡ଼ା-କଳାହାଣ୍ଡି ଯୋଗାଯୋଗ ବିଚ୍ଛିନ୍ନ

ଫୁଲବାଣୀ ଅଫିସ/ବାଲିଗୁଡା/ କୋଟଗଡ (ଡି.ଏନ୍.ଏ.) ୭।୮

କନ୍ଧମାଳ ଜିଲାରେ ଲଘୁଚାପ ଜନିତ ବର୍ଷା ଲାଗି ରହିଛି। ବର୍ଷା ପ୍ରଭାବରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ସୋମବାର ରାତିଠାରୁ ବର୍ଷା ଆରମ୍ଭ ହୋଇଛି। ବର୍ଷା ପ୍ରଭାବରେ ଫୁଲବାଣୀରୁ ବ୍ରହ୍ମପୁର ଏବଂ ବାଲିଗୁଡାରୁ କଳାହାଣ୍ଡି ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି। ଟିକାବାଲି ବ୍ଲକର କୋଟିଲାଗଡ଼ ପାଖରେ ଥିବା ଡ଼ାଇଭର୍ସନ୍ ରୋଡ଼ ଉପରେ ବର୍ଷାଜଳ ପ୍ରବାହିତ ହେଉଥିବାରୁ ଫୁଲବାଣୀ ବ୍ରହ୍ମପୁରକୁ ଗାଡି ଚଳାଚଳ ବନ୍ଦ ହୋଇଯାଇଛି। ତୁମୁଡ଼ିବନ୍ଧ ବ୍ଲକ ମଣ୍ଡଳପଦର ନିକଟରେ ୫୯ନଂ. କଳାହାଣ୍ଡି ଜାତୀୟ ରାଜପଥରେ ଏକ ଅସ୍ଥାୟୀ କଲଭର୍ଟ ଧୋଇ ଯାଇଛି। ଫଳରେ ରାସ୍ତାର ଦୁଇ ପାର୍ଶ୍ୱରେ ବହୁ ସଂଖ୍ୟାରେ ଗାଡ଼ି ଅଟକି ରହିଛି। ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଅନେକ ଅଞ୍ଚଳ ପ୍ରଭାବିତ ହେବା ସହ ଆଭ୍ୟନ୍ତରୀଣ ଅଞ୍ଚଳକୁ ଯାତାୟାତ ବ୍ୟାହତ ହୋଇଛି। ସେହିପରି କୁର୍ତ୍ତମଗଡ଼ ପାଖରେ ମଧ କଲଭର୍ଟ ପାଖରେ ରାସ୍ତାର ୩ଫୁଟ ଉପରେ ପାଣି ଚାଲୁଛି। ଆଭ୍ୟନ୍ତରୀଣ ଅଞ୍ଚଳମାନଙ୍କର ଅନେକ ସ୍ଥାନରେ ଛୋଟ ଛୋଟ ପୋଲ ଭାଙ୍ଗିଯାଇଛି। ବିଶେଷ କରି ତୁମୁଡିବନ୍ଧ ବ୍ଲକ ବେଲଘର ପଞ୍ଚାୟତର ଅନେକ ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି। ଦାରିଙ୍ଗବାଡି, ଫିରିଙ୍ଗିଆ ଅଞ୍ଚଳରେ ଟେଲିଫୋନ ସେବା ବାଧାପ୍ରାପ୍ତ ହୋଇଛି।

ସେହିପରି ଲଗାଣ ବର୍ଷାରେ କୋଟଗଡ ବ୍ଲକ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। କରାସର ନଦୀରେ ଜଳସ୍ତର ବୃଦ୍ଧି ଯୋଗୁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ୪୦ ହଜାରରୁ ଉର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି। ସୋମବାର ବ୍ଲକର ପାରିଗଡ, ପକାରି, ରାଣିପଙ୍ଗା, ସୁବର୍ଣ୍ଣଗିରି, ମାର୍ଲାଙ୍ଗା, ଓରା, ଶ୍ରୀରାମପୁର, ଗୁଗୁରୁମାହା, ମାଦାଗୁଡା ଆଦି ପଞ୍ଚାୟତ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। କୋଟଗଡ ସଦରମହକୁମା ଗ୍ରାମପଞ୍ଚାୟତର ଝରିଆପଦା, ରଜାସାହି, ହାଟପଦାସାହି, କେନାଲ ସାହିଆଦି ଗ୍ରାମଗୁଡ଼ିକରେ ଶତାଧିକ ଘର ପାଣି ଘେରରେ ରହିଛି।

ସେହିପରି ବର୍ଷା ମଧ ରେକର୍ଡ ପରିମାଣର ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଜିଲାରେ ସୋମବାର ରାତିରୁ ମଙ୍ଗଳବାର ସକାଳ ପର୍ଯ୍ୟନ୍ତ ୨୧୯୮ ମିମି ବର୍ଷା ରେକର୍ଡ କରାଯାଇଛି। କୋଟଗଡ଼ ବ୍ଲକରେ ସର୍ବାଧିକ ୩୦୮ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ବାଲିଗୁଡା ବ୍ଲକରେ ୧୫୩ ମିମି, ଚକାପାଦରେ ୧୮୦, ଦାରିଙ୍ଗବାଡିରେ ୧୪୫ମିମି, ଜି.ଉଦୟଗିରିରେ ୧୬୩ ମିମି, ଖଜୁରିପଡାରେ ୧୦୦.୬ମିମି, କ.ନୂଆଗାଁରେ ୧୦୨.୪ ମିମି, ଫିରିଙ୍ଗିଆରେ ୨୯୪.୨ ମିମି, ଫୁଲବାଣୀରେ ୧୩୭.୬, ରାଇକିଆରେ ୧୭୧ମିମି, ଟିକାବାଲିରେ ୧୭୮ମିମି ଓ ତୁମୁଡ଼ିବନ୍ଧରେ ୨୬୫.୨ ମିମି ବର୍ଷା ରେକର୍ଡ କରାଯାଇଛି।



ମଣ୍ଡଳପଦର ନିକଟରେ ଅସ୍ଥାୟୀ କଲଭର୍ଟ ଧୋଇ ଯାଇଛି।

## ଗୋପାଳପୁରରେ ସମୁଦ୍ର ଅଶାନ୍ତ, ରେଡ ୱାର୍ନିଂ ଜାରି



ଅଶାନ୍ତ ସମୁଦ୍ର।

ଗୋପାଳପୁର,୭।୮

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ଗତ ଦୁଇଦିନ ଧରି ଗଞ୍ଜାମ ଜିଲାରେ ତୁହାକୁ ତୁହା ପ୍ରବଳ ବର୍ଷା ଲାଗି ରହିଛି। ବୁଧବାର ପୂର୍ବାହ୍ନ ସାଢ଼େ ୮ଟା ସୁଦ୍ଧା ଜିଲାରେ ୧୨୧ ମି.ମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଗଞ୍ଜାମ ଜିଲାକୁ ରେଡ ୱାର୍ନିଂ ଜାରି କରାଯାଇଛି। ସମୁଦ୍ର ଅଶାନ୍ତ ରହିଛି। ଗୋପାଳପୁର ବନ୍ଦରକୁ ୩ ନଂ. ବିପଦ ସଂକେତ ଜାରି କରାଯାଇଛି। ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ନ ଯିବାକୁ ଗୋପାଳପୁର ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଲଘୁଚାପ ଭୋର ୪.୩୦ମି.ରେ ଗଭୀର ଅବପାତ ରୂପ ନେଇ ଘଣ୍ଟା ପ୍ରତି ୫ କିମି ବେଗରେ ଅତିକ୍ରମ କରୁଛି। ଏହା ପଶ୍ଚିମବଙ୍ଗ ଦିଘା ଅତିକ୍ରମ କରିବ ବୋଲି ପାଣିପାଗ ଡପଲର୍ ଇନଚାର୍ଜ ଉମା ଶଙ୍କର ଦାଶ ସୂଚନା ଦେଇଛନ୍ତି। ଗୁରୁବାର ବର୍ଷା ପରିମାଣ ହ୍ରାସ ପାଇବ ବୋଲି ସେ କହିଛନ୍ତି।

## ବର୍ଷାରେ ଭୁଶୁଡ଼ିଲା ୭ ମାର୍କେଟ କମ୍ପ୍ଲେକ୍ସ

କନିଷି, ୭।୮(ଡି.ଏନ.ଏ.)

ରଙ୍ଗେଇଲୁଣ୍ଡା ବ୍ଲକ ମନ୍ଦ୍ରିଡ଼ି ଗ୍ରାମରେ ବହୁଦିନ ହେଲା ଗ୍ରାମପଞ୍ଚାୟତ ପକ୍ଷରୁ ବ୍ୟବସାୟୀମାନଙ୍କ ପାଇଁ ୧୦ ମାର୍କେଟ କମ୍ପ୍ଲେକ୍ସ କାର୍ଯ୍ୟ ଚାଲିଥିଲା। ସୋମବାର ରାତିରୁ ବୁଧବାର ଯାଏଁ ଜାରି ରହିଥିବା ଲଗାଣ ବର୍ଷା ଜଳ ସେଠାରେ ଜମି ରହି ୭ ମାର୍କେଟ କମ୍ପ୍ଲେକ୍ସ ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡ଼ିଛି। ବୁଧବାର ସକାଳେ ଗ୍ରାମବାସୀ ଏହା ଦେଖି ସ୍ଥାନୀୟ ସରପଞ୍ଚ ପ୍ରଶାନ୍ତ କୁମାର ଦାସଙ୍କୁ ଜଣାଇଥିଲେ। ଏ ନେଇ ରଙ୍ଗେଇଲୁଣ୍ଡା ବ୍ଲକ ବିଡିଓ, ସହକାରୀ ଯନ୍ତ୍ରୀ ଗିରିଧାରୀ ବେହେରା, କନିଷ୍ଠ ଯନ୍ତ୍ରୀଙ୍କୁ ଜଣାଇବା ପରେ ଘଟଣାସ୍ଥଳରେ ପହଞ୍ଚି ଭୁଶୁଡ଼ି ପଡ଼ିଥିବା ମାର୍କେଟ କମ୍ପ୍ଲେକ୍ସର ତଦନ୍ତ କରି ଫେରିଛନ୍ତି। କାରଣ ସେଠାରେ ଥିବା ପୋଖରୀ ନିକଟରେ ପାଣି ନିଷ୍କାସନ ନ ହେବାରୁ କାମ ହେଉଥିବା ମାର୍କେଟ କମ୍ପ୍ଲେକ୍ସ ଭୁଶୁଡ଼ି ପଡ଼ିଥିଲା। ତେଣୁ ଉଚ୍ଚସ୍ତରୀୟ ଅଧିକାରୀ, ବ୍ଲକ ପ୍ରଶାସନ ତୁରନ୍ତ ପଦକ୍ଷେପ ନେଇ ମାର୍କେଟ ନିର୍ମାଣ କଲେ ଅଞ୍ଚଳର ବ୍ୟବସାୟୀମାନେ ଦୋକାନ ଗୃହ କରିବେ ବୋଲି ମନ୍ଦ୍ରିଡ଼ି ସରପଞ୍ଚ ପ୍ରଶାନ୍ତ କୁମାର ଦାସ ଅଭିଯୋଗ କରିଛନ୍ତି।



ଭୁଶୁଡ଼ି ପଡ଼ିଥିବା ମାର୍କେଟ କମ୍ପ୍ଲେକ୍ସ।

## ଭୁଶୁଡ଼ିଲା କୋଠା

ବେଗୁନିଆପଡ଼ା,୭।୮(ଡି.ଏନ.ଏ.)

ବେଗୁନିଆପଡ଼ା ବ୍ଲକ କେ. ବରିଡ଼ା ନିମିନା ଛକ ବାଲିସାହିରେ ବୁଧବାର ପୂର୍ବାହ୍ନରେ ବର୍ଷା ଯୋଗୁ ୨ମହଲା କୋଠା ଭୁଶୁଡ଼ି ପଡ଼ିଛି। ଏଥିରେ କିଛି ଆସବାବପତ୍ର ନଷ୍ଟ ହୋଇଥିବା ବେଳେ କେହି ଆହତ ହୋଇନାହାନ୍ତି। ସୋମବାରରୁ ଲଘୁଚାପ ଜନିତ ଲଗାଣ ବର୍ଷା ହୋଇଥିବାରୁ ଉକ୍ତ ସାହି ଗୌରୀ ଶଙ୍କର ଖାଡ଼ଙ୍ଗାଙ୍କ କୋଠାଟି ଭୁଶୁଡି ପଡ଼ିଥିଲା।

## ବର୍ଷା ପାଇଁ ଚାଷୀ ଖୁସି, ଜନଜୀବନ ଅସ୍ତବ୍ୟସ୍ତ

ଚିକିଟି,୭।୮(ଡି.ଏନ୍.ଏ.)

ଚିକିଟି ଏବଂ ଆଖପାଖ ଗ୍ରାମାଞ୍ଚଳରେ ଲଘୁଚାପର ପ୍ରଭାବରେ ଗତ ସୋମବାରରୁ ପ୍ରବଳ ବର୍ଷା ଲାଗିରହିଛି। ଫଳରେ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଛି। ଅଞ୍ଚଳର ନୂଆପଡା, ଚାନ୍ଦପୁର ଠାରୁ ତୁରୁବୁଡି, ଭ୍ରମରପୁର, ଗୌଡଗାଁ, ଦାଉଣି ଆଦି ଗ୍ରାମକୁ ଗାଡ଼ି ଚଳାଚଳ ବନ୍ଦ ରହିଛି। ଅନ୍ୟପଟେ ମରୁଡି ଆଶଙ୍କାରେଥିବା ଅଞ୍ଚଳର ଚାଷୀଙ୍କୁ ଆଶ୍ୱସ୍ତ ମିଳିଛି। ବିଳମ୍ବରେ ବର୍ଷା ହୋଇଥିବାରୁ ଅନ୍ତତଃ ୬୦ ପ୍ରତିଶତ ଧାନ ଫସଲରେ ସହାୟକ ହେବ ବୋଲି ଚାଷୀମାନେ କହିଛନ୍ତି। ଲଘୁଚାପ ପ୍ରଭାବରେ ବର୍ଷା ହେବାରୁ ସମୁଦ୍ରତଟବର୍ତ୍ତୀ ଗ୍ରାମର ବାସିନ୍ଦାମାନଙ୍କୁ ଜିଲା ପ୍ରଶାସନ ଓ ବ୍ଲକ୍ ପ୍ରଶାସନ ପକ୍ଷରୁ ସତର୍କ କରି ଦିଆଯାଇଛି। ସମୁଦ୍ର ଭିତରକୁ ନ ଯିବାକୁ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି। ସହରାଞ୍ଚଳ ଜଳଯୋଗାଣ ପ୍ରକଳ୍ପ ଆନୁକୂଲ୍ୟରେ ଚିକିଟିପେଣ୍ଠ ମୁଖ୍ୟ ବଜାରର ଉଭୟ ପାର୍ଶ୍ୱରେ ପାଇପ୍ ଲାଇନ୍ ବିଛାଇବା ପାଇଁ ଖୋଳାଯାଇଥିବାରୁ ବିଭିନ୍ନ ସମୟରେ ଯାନବାହନ ଦୁର୍ଘଟଣାଗ୍ରସ୍ତ ହେଉଛି ଏବଂ ସେହି ଖାଲରେ ମଇଳା ପାଣି ଜମି ଦୁର୍ଗନ୍ଧ ହେଉଛି। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ଦିଗପହଣ୍ଡି ଅଞ୍ଚଳରେ ବର୍ଷା ବିଭ୍ରାଟ

ଦିଗପହଣ୍ଡି, ୭।୮(ଡି.ଏନ.ଏ.)

■ଡ୍ରେନେଜ ବ୍ୟବସ୍ଥା ବିପର୍ଯ୍ୟସ୍ତ
■୨୪ ଘଣ୍ଟାରେ ୧୦୨ ମିମି ବର୍ଷା

ଦିଗପହଣ୍ଡି ଏନ୍ଏସି ଓ ବ୍ଲକ ଅଧୀନ ବିଭିନ୍ନ ଗ୍ରାମରେ ଲଘୁଚାପ ପ୍ରଭାବରେ ଦୁଇଦିନ ଧରି ବର୍ଷା ଲାଗି ରହିଥିବାରୁ ଅନେକ ଅଞ୍ଚଳର ରାସ୍ତା ନର୍ଦ୍ଦମା ଜଳରେ ବୁଡ଼ି ରହିଛି। ସ୍ଥାନୀୟ ସହରରେ ବିପର୍ଯ୍ୟସ୍ତ ଡ୍ରେନେଜ ବ୍ୟବସ୍ଥା ଯୋଗୁ ବର୍ଷା ଜଳ ନିଷ୍କାସନ ହୋଇପାରୁନାହିଁ। ମଙ୍ଗଳବାରରୁ ବୁଧବାର ସକାଳ ୭ଟା ମଧ୍ୟରେ ଦିଗପହଣ୍ଡିରେ ୧୦୨ ମିଲିମିଟର ବର୍ଷା ହୋଇଥିବା ସ୍ଥାନୀୟ ଜଳ ସମ୍ପଦ ବିଭାଗ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ଦିଗପହଣ୍ଡି ଏନଏସି ୧୦ନଂ ୱାର୍ଡ ରାଣୀ ସାହି, ଆନନ୍ଦ ନଗର, ରାଜନଗର-୨, ୧ନଂ ୱାର୍ଡ ଦଧିବାମନ କଲୋନୀ, ନୀଳାଦ୍ରି ବିହାର, ନୀଳକଣ୍ଠନଗର, ଦଳିତ ସାହି, ସାହାଣୀ ସାହି, ୩ନଂ ୱାର୍ଡର ପ୍ରହଲ୍ଲାଦ ନଗର, ବାଲାଜୀ ନଗର ସମେତ ସହର ତଳି ସାହିରେ ବର୍ଷାଜଳ ଲହଡ଼ି ମାରୁଛି। ରାସ୍ତା ନିର୍ମାଣରେ ବୈଷୟିକ ତ୍ରୁଟି ଯୋଗୁ ୧ନଂ ୱାର୍ଡ ଆସିକା ରୋଡ ଅଞ୍ଚଳ କଲୋନୀର ଅନେକ ବ୍ୟକ୍ତିଙ୍କ ଘରେ ଡ୍ରେନ୍ପାଣି ପଶିଛି। ବହୁବାର ସ୍ଥାନୀୟ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆଙ୍କୁ ଲୋକେ ଅଭିଯୋଗ କଲେ କିଛି ସୁଫଳ ମିଳୁନି ବୋଲି ପୂର୍ବତନ ଏନ୍ଏସି ଅଧକ୍ଷ ପ୍ରଫୁଲ ପଣ୍ଡା, ପୂର୍ବତନ କାଉନସିଲର ଅଳକ ନାଥ ମିଶ୍ର, ଏମ. ତ୍ରିନାଥ ପ୍ରମୁଖ ଅଭିଯୋଗ କରିଛନ୍ତି। ଦିଗପହଣ୍ଡି ଏନ୍ଏସି ଜାତୀୟ ରାଜପଥ ୩୨୬ ଏବଂ ରାଜ୍ୟ ରାଜପଥ ୧୭ କଡ଼ରେ ଡ୍ରେନ ନିର୍ମାଣ ସରି ନ ଥିବାରୁ ପୁଞ୍ଜିକୟାଁ ଛକ-ଚିକିଟି ରୋଡ ପାର୍ଶ୍ୱରେ କୃତ୍ରିମ ହ୍ରଦ ସୃଷ୍ଟି ହୋଇଛି। ଏ ନେଇ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଜଣାଇବାରୁ ଡ୍ରେନେଜ ମାଷ୍ଟର ପ୍ଲାନ ନ ଥିବାରୁ ସମସ୍ୟା ଉପୁଜିଛି। ଶୀଘ୍ର ଆକ୍ସନ ପ୍ଲାନ ପ୍ରସ୍ତୁତ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।



ରାସ୍ତାରେ ଭାସୁଛି ବର୍ଷାଜଳ।

## ପିଏମ୍ଜିଏସ୍ୱାଇ ରାସ୍ତା ପାର୍ଶ୍ୱ ଧୋଇଗଲା

ଫିରିଙ୍ଗିଆ, ୭।୮

ଫିରିଙ୍ଗିଆ ବ୍ଲକ ନେଡିପଦରଠାରୁ ଜାର୍ଗିପଦର ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା(ପିଏମ୍ଜିଏସ୍ୱାଇ)ରେ ହୋଇଥିବା ରାସ୍ତା ପାର୍ଶ୍ୱ ବର୍ଷାରେ ଧୋଇଯାଇଛି। ଆଉ ଅଧିକ ବର୍ଷା ହେଲେ ରାସ୍ତା ସମ୍ପୂର୍ଣ୍ଣ ଧୋଇଯିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ନିମ୍ନମାନର କାମ ଯୋଗୁ ଏଭଳି ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଉକ୍ତ ରାସ୍ତାରେ ଏବେ ୪ ଚକିଆ ଗାଡି ଯାଇପାରୁନାହିଁ। ନେଡିପଦରରୁ-ଜାର୍ଗିପଦର ପର୍ଯ୍ୟନ୍ତ ହୋଇଥିବା ୨ କିମି ରାସ୍ତାରେ ଥିବା ସିକବାଡି, ତେଲଙ୍ଗରଣା, କାନ୍ଧୁପଦର, ରୁଗୁଡିସାହି, ଜାର୍ଗିପଦର, ପାଣ୍ଡୁପଦର ଆଦି ଗ୍ରାମବାସୀ ବହୁ ଅସୁବିଧା ଭୋଗୁଛନ୍ତି। ବର୍ଷା ଯୋଗୁ ଅନେକ ସ୍ଥାନରେ ନେଟୱାର୍କ ଠିକ୍ ଭାବେ କାମ କରୁନାହିଁ। ଗୋଚ୍ଛାପଡା ଥାନା ଅଞ୍ଚଳ, ବାଲନ୍ଦାପଡାରେ ନେଟୱାର୍କ ଆଦୌ କାମ କର ନ ଥିବାରୁ ଦୁଇଦିନ ଧରି ଯୋଗଯୋଗ କ୍ଷେତ୍ରରେ ବହୁ ଅସୁବିଧା ହେଉଛି।

■ ହୋଇପାରୁନି ବର୍ଷା ଜଳ ନିଷ୍କାସନ

## ସହର ରାସ୍ତାରେ ଭାସିଲା ମଇଳା ପାଣି

ଛତ୍ରପୁର,୭।୮(ଡି.ଏନ.ଏ.)

ପ୍ରବଳ ବର୍ଷାରେ ଗଞ୍ଜାମ ଜିଲା ସଦର ମହକୁମା ଛତ୍ରପୁର ସହରର ଅବସ୍ଥା ବେହାଲ ହୋଇଯାଇଛି । ଠିକ୍ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ବର୍ଷା ପାଣି ନିଷ୍କାସନ ହୋଇପାରୁନି । ଫଳରେ ମଇଳା ପାଣି ଘର ଦାଣ୍ଡକୁ ଆସୁଛି। ଲୋକେ ଘରୁ ବାହାରୁ ବାହାରିବା ମୁସ୍କିଲ ହେଉଛି। ଗତ ୨ ଦିନ ବର୍ଷା ଫଳରେ ବୁଧବାର ସକାଳୁ ଡ୍ରେନ୍ର ମଇଳା ରାସ୍ତା ଉପରକୁ ଚାଲି ଆସିଥିଲା । ଦୈନିକ ଏନଏସି ପକ୍ଷରୁ ଘର ନିକଟରୁ ମଇଳା ସଂଗ୍ରହ କରାଯାଉଛି । ତଥାପି କେତେକ ଏନଏସି ପକ୍ଷରୁ ଦିଆଯାଇଥିବା ଡବାରେ ମଇଳା ନ ପକାଇ ବାହାରେ ପକାଉଛନ୍ତି। ଯଦ୍ୱାରା ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ବୁଧବାର ସକାଳେ ଛତ୍ରପୁର ବଜାରରେ ଥିବା ମାର୍କେଟ କମ୍ପ୍ଲେକ୍ସ ଆଗରେ କୁଢ କୁଢ ମଇଳା ପଡିଥିବା ଦେଖିବାକୁ ମିଳିଥିଲା। ଫଳରେ କମ୍ପ୍ଲେକ୍ସ ପରିସରକୁ ଦୋକାନୀ ଓ ଗ୍ରାହକ ଯିବାରେ ଅସୁବିଧା ହୋଇଥିଲା। ଏପରିକି ପୂତିଗନ୍ଧରେ ସେଠାରେ ରହିବା ମୁସ୍କିଲ ହୋଇପଡିଥିଲା।



ଆବର୍ଜନା ପଡି ରହିଛି।

■ ସମ୍ଭାବ୍ୟ ବନ୍ୟା ଆଶଙ୍କା

# ମୁକାବିଲା ପାଇଁ ପ୍ରଶାସନ, ଜଳସମ୍ପଦ ବିଭାଗ ପ୍ରସ୍ତୁତ

ଭଞ୍ଜନଗର,୭।୮(ଡି.ଏନ.ଏ.)

ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏହାର ପ୍ରଭାବ ମଧ୍ୟ ଭଞ୍ଜନଗର ଉପଖଣ୍ଡରେ ପଡିବା ସମ୍ଭାବନା ରହିଛି। ତେଣୁ ଭଞ୍ଜନଗର ଉପଖଣ୍ଡ ପ୍ରଶାସନ ଓ ଜଳସମ୍ପଦ ବିଭାଗ ପକ୍ଷରୁ ଆଗୁଆ ପଦକ୍ଷେପ ନିଆଯାଇଛି। ମଙ୍ଗଳବାର ଭଞ୍ଜନଗରରେ ବର୍ଷା ଲାଗି ରହିଛି। ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଉଛି। ବୁଧବାର ସନ୍ଧ୍ୟା ସୁଦ୍ଧା ଅଞ୍ଚଳରେ ବନ୍ୟା ପରିସ୍ଥିତି ଉପୁଜିନାହିଁ। ଜଳଭଣ୍ଡାର ଗୁଡିକରେ ବହୁତ କମ୍ ପାଣି ଥିବାରୁ ପାଣି ମଧ ଛଡାଯାଉନାହିଁ। ବର୍ଷା ଜଳ ହିଁ ବର୍ତ୍ତମାନ ଉପରମୁଣ୍ଡରୁ ଆସୁଛି। ଭଞ୍ଜନଗର ଜଳଭଣ୍ଡାରରେ ୫୭୦୦ ହେକ୍ଟୋମିଟର ଜଳଧାରଣ କ୍ଷମତା ଥିବାବେଳେ ବୁଧବାର ଅପରାହ୍ନ ୨ଟା ସୁଧା ୩୫୦୦ ହେକ୍ଟୋମିଟର ପାଣି ଅଛି। ମଙ୍ଗଳବାର ସନ୍ଧ୍ୟା ୬ଟାରୁ ବୁଧବାର ସକାଳ ୬ଟା ମଧ୍ୟରେ ଭଞ୍ଜନଗରରେ ୧୧୦ ମିଲିମିଟର ବର୍ଷା ହୋଇଛି। ସେହିଭଳି ଉହରେ ୯୦ ମିଲିମିଟର, ସୋରିକ୍ଷମୂଳି ୭୧, ମାଧବରିଡା ୧୨୩, ଖଣ୍ଡରାବଳି ୧୩୦ରେ ମିଲିମିଟର ବର୍ଷା ହୋଇଛି। ସାମ୍ଭାବ୍ୟ ବନ୍ୟା ଆଶଙ୍କାକୁ ଦେଖି ଜଳସମ୍ପଦ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ବାଲିବସ୍ତା ମହଜୁଦ୍ ରଖାଯାଇଛି। ପ୍ରଶାସନ ପକ୍ଷରୁ ରାଜସ୍ୱ ବିଭାଗ କର୍ମଚାରୀମାନେ ଗ୍ରାମାଞ୍ଚଳ ସ୍ଥିତି ଅନୁଧ୍ୟାନ କରୁଛନ୍ତି। ବନ୍ୟା ହେଲେ ଲୋକଙ୍କୁ କିଭଳି ସୁରକ୍ଷିତ ସ୍ଥାନକୁ ଆଣି ଖାଦ୍ୟ ଯୋଗାଇ ଦିଆଯିବ ସେନେଇ ଯୋଜନା କରାଯାଇଛି। ଏଥିସହ ବିଦ୍ୟାଳୟ ଗୁଡ଼ିକୁ ଆଜି ଜିଲା ପ୍ରଶାସନ ପକ୍ଷରୁ ଛୁଟି କରିଦିଆଯାଇଛି। ଭଞ୍ଜନଗରର ଅଧିକାଂଶ ଘରୋଇ ଶିକ୍ଷାନୁଷ୍ଠାନ ଖୋଲା ରହିଥିଲା। ଫନୀରେ ବେଲଗୁଣ୍ଠା ବ୍ଲକ ଧୁମୁଛାଇ ପଞ୍ଚାୟତର କିଛି ରାସ୍ତା କ୍ଷତିଗ୍ରସ୍ତ ହୋଇଥିଲା। ସେଥିମଧ୍ୟରୁ ପାଟୁଳିସାହି ଗ୍ରାମ ନିକଟ ଏକ ମାଟି ରାସ୍ତା ମରାମତି ହୋଇପାରିନାହିଁ। ପୁଣି ବନ୍ୟା ଆଶଙ୍କା ଦେଖାଦେବାରୁ ଲୋକଙ୍କ ମଧରେ ଅସନ୍ତୋଷ ଦେଖା ଦେଇଛି। ଏନେଇ ଜଳସମ୍ପଦ ବିଭାଗ ନିର୍ବାହୀଯନ୍ତ୍ରୀ ନୀହାର ରଞ୍ଜନ ସାମନ୍ତରାୟଙ୍କ ସହ ଯୋଗାଯୋଗ କରିବାରୁ ସେ ଏଠାରେ କହିଛନ୍ତି ଯେ, ବର୍ତ୍ତମାନ ବନ୍ୟା ପରିସ୍ଥିତି ଉପୁଜିନାହିଁ। ଜଳଭଣ୍ଡାର ଗୁଡିକରେ ପାଣି କମ୍ ଅଛି। ତଥାପି ସାମ୍ଭାବ୍ୟ ବନ୍ୟା ମୁକାବିଲା ପାଇଁ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଇଛି।



ବଡନଦୀର ଧୁମୁଛାଇ ନିକଟରେ ଆଡିବନ୍ଧରେ ବାଲିବସ୍ତା ପକାଇ ରଖାଯାଇଛି।

## ସଂକ୍ଷେପରେ

### ବାଇକ ସହ ଗଞ୍ଜେଇ ଜବତ, ୩ ଗିରଫ

ବାଲିଗୁଡା,୭।୮(ଡି.ଏନ୍.ଏ.)- ଗଞ୍ଜେଇ ଚୋରା ଚାଲାଣ ବେଳେ କନ୍ଧମାଳ ଜିଲା ବାଲିଗୁଡା ଥାନା ବାରଖମା- ରେବିଙ୍ଗିଆ ରାସ୍ତା ଗ୍ୟାସ ଡିପୋ ନିକଟରେ ବାଲିଗୁଡା ପୋଲିସ ଚଢାଉ କରି ବାଇକ ସହ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବାଲିଗୁଡା ଥାନା ରେବିଙ୍ଗିଆ ଗ୍ରାମପଞ୍ଚାୟତର ଦୁଲିକିଆ ଅଞ୍ଚଳର ସୁରଥ ମଲ୍ଲିକ, ପୁଲୁଙ୍ଗା ମଲ୍ଲିକ ଓ ଶମ୍ଭୁନାଥ ମଲ୍ଲିକ। ବାଲିଗୁଡା ଆଇଆଇସି ପ୍ରଶାନ୍ତ କୁମାର ବେହେରା ଚଢ଼ାଉ କରି ବାଇକରେ ଏକ ବସ୍ତାରେ ଗଞ୍ଜେଇ ନେଉଥିବାବେଳେ କାବୁ କରିଥିଲେ। ବସ୍ତାରେ ୧୪କେଜି ୮୦୦ଗ୍ରାମ ଗଞ୍ଜେଇ ଥିବା ସେ କହିଛନ୍ତି। ବାଇକ ସହ ଗଞ୍ଜେଇ ଜବତ କରି ଥାନାକୁ ଆଣିବା ସହ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ।

### ସାପ କାମୁଡ଼ାରେ ବୃଦ୍ଧା ମୃତ

ପାତ୍ରପୁର,୭।୮(ଡି.ଏନ.ଏ.)- ପାତ୍ରପୁର ବ୍ଲକ ଆମ୍ବପୁର ପଞ୍ଚାୟତ ନରସିଂହପୁର ଗ୍ରାମରେ ସାପ କାମୁଡ଼ାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ବଡୁ ପ୍ରଧାନ (୮୦)। ମଙ୍ଗଳବାର ରାତିରେ ଘରେ ଶୋଇଥିବା ବେଳେ ବଡୁଙ୍କୁ ସାପ କାମୁଡ଼ିଥିଲା। ନିଦ୍ରିତ ଅବସ୍ଥାରେ ଥିବାରୁ ସେ ଏହା ଜାଣି ପାରି ନ ଥିଲେ। ବୁଧବାର ଭୋରରେ ଯନ୍ତ୍ରଣାରେ ଛଟପଟ ହେବାରୁ ପରିବାର ଲୋକେ ଜରଡ଼ାଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାକୁ ଉଦ୍ୟମ କରୁଥିବା ବେଳେ ବଡୁଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ଜରଡ଼ା ଥାନାରେ ଖବର ଦିଆଯିବା ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଥିଲା।

### ସୁଷମାଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା

ଛତ୍ରପୁର,୭।୮(ଡି.ଏନ.ଏ)-ଭାରତର ପୂର୍ବତନ ବୈଦେଶିକ ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜଙ୍କ ଅମର ଆତ୍ମାର ସଦଗତି କାମନା କରି ବୁଧବାର ସନ୍ଧ୍ୟାରେ ଛତ୍ରପୁରଠାରେ କ୍ୟାଣ୍ଡେଲ ଶୋଭାଯାତ୍ରା ହୋଇଥିଲା । ଏଥିରେ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଓ ଜନସାଧାରଣ ସାମିଲ ହୋଇଥିଲେ । ସ୍ଥାନୀୟ ଠାକୁରାଣୀ ମନ୍ଦିର ଛକଠାରୁ ଏହି ଶୋଭାଯାତ୍ରା ବାହାରି ଲୋୟର ବସଷ୍ଟାଣ୍ଡଠାରେ ପହଞ୍ଚିଥିଲା । ସେଠାରେ ଓକିଲ ପ୍ରଦୀପ ପାଢୀଙ୍କ ଅଧ୍ୟକ୍ଷତାରେ ଶୋକ ସଭା ଅନୁଷ୍ଠିତ ହୋଇଥିଲା । ସଭାରେ ଛତ୍ରପୁର ଓକିଲ ସଂଘ ସଭାପତି କେ. ଶିବରାମ ରେଡ୍ଡୀ, ନାଗରିକ କମିଟି ସମ୍ପାଦକ ସୁଧୀର ସାହୁ, ଶ୍ରମିକ ନେତା ପ୍ରଶାନ୍ତ କର, ଓକିଲ ପଦ୍ମ ଚରଣ ସାହୁ, ଲକ୍ଷ୍ମୀ ନାରାୟଣ ପଣ୍ଡା, ରୁଇନା ପଟ୍ଟନାୟକ, ଅମରେଶ ମହାରଣା ପ୍ରମୁଖ ସାମିଲ ଥିଲେ ।

### କନ୍ଧମାଳରେ ସ୍ଥାପନ ହେବ ମସଲା ପ୍ରକ୍ରିୟାକରଣ ୟୁନିଟ୍

ଫୁଲବାଣୀ ଅଫିସ, ୭।୮- ଭାରତ ପ୍ରସିଦ୍ଧ ମସଲା ଉତ୍ପାଦନକାରୀ ଏମଡିଏଚ୍ କମ୍ପାନୀ କନ୍ଧମାଳରେ ଏକ ମସଲା ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ କରିବ । କମ୍ପାନୀ ପ୍ରତିଷ୍ଠାତା ତଥା ମାଲିକ ପଦ୍ମଭୂଷଣ ଧର୍ମପାଲ ଗୁଲାଟି ଏକ ସୌଜନ୍ୟମୂଳକ ସାକ୍ଷାତକାରରେ କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତଙ୍କୁ ଏହି ପ୍ରତିଶ୍ରୁତି ଦେଇଛନ୍ତି। ବୁଧବାର ଏମ୍‌ପି ସାମନ୍ତ ଗୁଲାଟିଙ୍କୁ ନୂଆଦିଲ୍ଲୀସ୍ଥିତ ବାସଭବନରେ ଭେଟି କନ୍ଧମାଳରେ ମସଲା ୟୁନିଟ ସ୍ଥାପନ କରିବାକୁ ଅନୁରୋଧ କରିଥିଲେ। କନ୍ଧମାଳ ଏବେ ହଳଦୀ ପାଇଁ ଜିଆଇ ମାନ୍ୟତା ପାଇ ପ୍ରସିଦ୍ଧି ଲାଭ କରିଛି । ଏହାଦ୍ୱାରା କନ୍ଧମାଳର ହଳଦୀ ଚାଷୀ ଉପକୃତ ହେବେ। ଏଥିସହ ସମାଜିକ ଅଭିବୃଦ୍ଧି ଘଟିବ । ଆସନ୍ତା ମାସରେ ଗୁଲାଟି କନ୍ଧମାଳ ପରିଦର୍ଶନରେ ଆସିବେ ବୋଲି ଏମ୍‌ପିଙ୍କ ପକ୍ଷରୁ ସୂଚନା ମିଳିଛି।

### ଗଞ୍ଜେଇ ଜବତ, ୪ ଗିରଫ

ଫିରିଙ୍ଗିଆ,୭।୮- ଫିରଙ୍ଗିଆ ଥାନା ପୋଲିସ କାଶିନିପଦର ରାସ୍ତାରେ ଚଢ଼ାଉ କରି ୨ଟି ଗାଡିରୁ ୭୦ କେଜି ଗଞ୍ଜେଇ ଜବତ କରିବା ସହ ୪ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ କଟକ ଜିଲା ଆଠଗଡର ଜିତୁ ରଞ୍ଜନ ବେହେରା, ବାସୁଦେବ ମହାପାତ୍ର, ନବକିଶୋର ରଣା ଓ ଢେଙ୍କାନାଳର ଆଲୋକ ରାଉତ । ଗାଡି ନଂ. ଓଆର ୦୨ ବିଏମ ୯୭୭୭, ଓଡି ୦୨ ଏପି ୯୫୦୮ରେ ଗଞ୍ଜେଇ ଚାଲାଣ ହେଉଥିବା ପୋଲିସକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଏ ନେଇ ନଂ.୬୭/୧୯ରେ ମାମଲା ରୁଜୁ ହୋଇଛି ।

■ ଲୁଟ୍‌ର ଶିକାର ହେଉଛନ୍ତି ଫାଇନାନ୍ସ କର୍ମଚାରୀ

# କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଏସ୍‌ପିଙ୍କ ଆଲୋଚନା

**ଛତ୍ରପୁର,୭।୮(ଡି.ଏନ.ଏ)**

ବିଭିନ୍ନ ସମୟରେ ମାଇକ୍ରୋ ଫାଇନାନ୍ସ କମ୍ପାନୀର କର୍ମଚାରୀମାନେ ନିକଟସ୍ଥ ବ୍ୟାଙ୍କକୁ ଟଙ୍କା ନେଇ ଗଲାବେଳେ ଲୁଟର ଶିକାର ହେଉଥିବା ନ ନଜିର ରହିଛି । କମ୍ପାନୀ କର୍ମଚାରୀମାନଙ୍କୁ ମଧ୍ୟ ମରଣାନ୍ତକ ଆକ୍ରମଣ କରାଯାଉଛି। ସେହିପରି କମ୍ପାନୀର ଫିଲ୍ଡ ଷ୍ଟାଫ୍ ମଧ୍ୟ ଲୋକଙ୍କଠାରୁ ଜମା ଟଙ୍କା ସଂଗ୍ରହ କରି ଫେରୁଥିବାବେଳେ ମଧ୍ୟ ଲୁଟ୍‌ର ଶିକାର ହେଉଛନ୍ତି। କେତେକ କ୍ଷେତ୍ରରେ ଲୁଟ୍ ଘଟଣାରେ ମାଇକ୍ରୋ ଫାଇନାନ୍ସ କମ୍ପାନୀର ଷ୍ଟାଫ୍ ମଧ୍ୟ ସମ୍ପୃକ୍ତ ରହୁଛନ୍ତି। ଏସବୁ ଘଟଣାକୁ କିଭଳି ଏଡାଇ ହେବ ଏବଂ କ'ଣ ସବୁ ପ୍ରତିଷେଧକମୂଳକ ପଦକ୍ଷେପ ନିଆଯିବ ସେ ନେଇ ଗଞ୍ଜାମ ପୋଲିସ ଜିଲା ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି । ବୁଧବାର ଛତ୍ରପୁରସ୍ଥିତ ଗଞ୍ଜାମ ଏସପିଙ୍କ ସମ୍ମିଳନୀ ଗୃହରେ ଏସପି ବ୍ରିଜେଶ କୁମାର ରଏଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକକୁ ଗଞ୍ଜାମ ଜିଲାରେ ଥିବା ୨୨ ମାଇକ୍ରୋ ଫାଇନାନ୍ସ କମ୍ପାନୀର କର୍ତ୍ତୃପକ୍ଷଙ୍କୁ ଡକାଯାଇଥିଲା । ସେମାନଙ୍କ ସହ ଏସପି ବିସ୍ତୃତ ଭାବେ ଆଲୋଚନା କରିଥିଲେ। ବୈଠକରେ ଗଞ୍ଜାମ ପୋଲିସ ଜିଲାର ବରିଷ୍ଠ ପୋଲିସ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ବ୍ୟାଙ୍କକୁ ଟଙ୍କା ଜମା କରିବାକୁ ଗଲାବେଳେ ଆବଶ୍ୟକୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି । କୌଣସି ଅଘଟଣ ଘଟିଲେ କିମ୍ବା ଆଶଙ୍କା ଥିଲେ ତୁରନ୍ତ ସ୍ଥାନୀୟ ଥାନା ପୋଲିସକୁ ଖବର ଦେବାକୁ କୁହାଯାଇଥିଲା । ଏଥିସହ ଏସପିଙ୍କ କାର୍ଯ୍ୟାଳୟରେ ଚାଲିଥିବା ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍‌କୁ ୧୦୦ ନଂ.ରେ ଡାଏଲ କରି ଜଣାଇପାରିବେ ବୋଲି ସୂଚନା ଦିଆଯାଇଥିଲା । ବୈଠକରେ ଅତିରିକ୍ତ ଏସପି ସୀତାରାମ ଶତପଥୀ, ଛତ୍ରପୁର ଏସଡିପିଓ ଉତ୍କଳ କେଶରୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।



ବୈଠକରେ ଉପସ୍ଥିତ ଏସ୍‌ପି ଓ ଅନ୍ୟମାନେ ।

# ବୋହୂଙ୍କୁ ମାରି ପୋଡ଼ିଦେବା ଘଟଣାରେ ୫ ଗିରଫ

**ବୁଗୁଡ଼ା,୭।୮(ଡି.ଏନ.ଏ.)**

ବୁଗୁଡ଼ା ଥାନା ଗୌଡ଼ିଆବୋରଦା ଗ୍ରାମରେ ବୋହୂକୁ ହତ୍ୟା କରି ପୋଡ଼ି ଦେବା ଘଟଣାରେ ବାଲିପଦର ଫାଣ୍ଡି ଅଧିକାରୀ ଭଗବାନ ପୂଜାରୀ ବୁଧବାର ୫ ଜଣଙ୍କୁ କୋର୍ଟଚାଲାଣ କରଛନ୍ତି। ଗିରଫ ହେଲେ ଶ୍ୱଶୁର ଭୀମ ନାୟକ, ଶାଶୁ କସ୍ତୁରୀ, ସ୍ୱାମୀ ଶିଶିର, ଦେଢ଼ଶୁର ଅରୁଣ ଓ ଜାଆ ଶାନ୍ତି । ମୃତ ବୋହୂଙ୍କ ଦାଦାଙ୍କ ଅଭିଯୋଗ କ୍ରମେ ବୁଗୁଡ଼ା ପୋଲିସ ନଂ. ୧୮୧/୧୮ରେ ହତ୍ୟା ମାମଲା ରୁଜୁ କରିଥିଲା।

ପ୍ରକାଶ ଯେ, ଶିଶିର ୧୮ ଫେବୃୟାରୀ ୨୦୧୮ରେ କବିସୂର୍ଯ୍ୟନଗର ଥାନା ଗଙ୍ଗାପୁର ରଘୁନାଥପଲ୍ଲୀ ବିପିନ ନାହାକଙ୍କ ଝିଆରୀ ପୃଥିବୀଙ୍କୁ ବିବାହ କରିଥିଲେ। ବିବାହ ହେବାର ୬ ମାସ ପରେ ଅର୍ଥାତ୍ ୧୮ ଅଗଷ୍ଟରେ କୌଣସି କାରଣଙ୍କୁ ନେଇ ଶ୍ୱଶୁର ଘର ଲୋକେ ପୃଥିବୀଙ୍କ ମୁଣ୍ଡକୁ ପିଟି ମାରିଦେଇ ବାରିପଟେ ପୋଡ଼ି ଦେଇଥିଲେ। ଖବର ପାଇ ପୃଥିବୀଙ୍କ ଦାଦା ଥାନାରେ ଜଣାଇଥିଲେ। ବାଲିପଦର ଫାଣ୍ଡି ଅଧିକାରୀ ତା'ପରଦିନ ଘଟଣାସ୍ଥଳରେ ପହଞ୍ଚିଲା ବେଳକୁ ଅଭିଯୁକ୍ତମାନେ ସେଠାରୁ ଫେରାର ହୋଇଯାଇଥିଲେ। ବୁଧବାର ପୋଲିସ ପୃଥିବୀଙ୍କ ସ୍ୱାମୀ, ଶ୍ୱଶୁର, ଶାଶୁ, ଦେଢ଼ଶୁର ଓ ଜାଆଙ୍କୁ ଗିରଫ କରିଥିଲା।

# ୩୭୦ ଉଚ୍ଛେଦ ନେଇ ଖୁସି ମନାଇଲେ ଲୋକେ

**କବିସୂର୍ଯ୍ୟନଗର,୭।୮**

ଜାମ୍ମୁ-କାଶ୍ମୀରରୁ ୩୭୦ ଓ ୩୫ (କ) ଧାରା ଉଚ୍ଛେଦ ହୋଇଛି। ଏଥିସହ ଜାମ୍ମୁ କାଶ୍ମୀର ଓ ଲାଦାଖକୁ ଦୁଇଟି ପୃଥକ କେନ୍ଦ୍ରଶାସିତ ଅଞ୍ଚଳ ଘୋଷଣା ସହ ଉଭୟ ଲୋକସଭା ଏବଂ ରାଜ୍ୟ ସଭାରେ ଜାମ୍ମୁ କାଶ୍ମୀର ପୁନର୍ଗଠନ ବିଲ ବହୁମତରେ ପାଶ ହୋଇଥିବା ନେଇ କବିସୂର୍ଯ୍ୟ ବଳଦେବ ସ୍ମୃତି ସଂସଦ ଓ ଅଞ୍ଚଳବାସୀ ମିଠା ବାଣ୍ଟି ଖୁସି ମନାଇଛନ୍ତି। ପରେ ସ୍ମୃତି ସଂସଦର ସଭାପତି ପ୍ରାଧ୍ୟାପକ କୈଳାସ ନାଥସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନା ବୈଠକ ହୋଇଥିଲା। ବୈଠକରେ ଗୋବିନ୍ଦ ପ୍ରସାଦ ରଥ, ଯଦୁକୁଳ ଚନ୍ଦ୍ର ପଟ୍ଟନାୟକ, ରାଜକୁମାର ଭୋସ୍‌ଲେ, ସୁଧାକର ନାୟକ, ପଦ୍ମଚରଣ ଦାସ ପ୍ରମୁଖ ଯୋଗ ଦେଇଥିଲେ । ସେହିପରି ଭାଜପା ଓ ଅଞ୍ଚଳବାସୀ ପକ୍ଷରୁ ବସଷ୍ଟାଣ୍ଡ ମହାମାୟୀ ତୋରଣରେ ବାଣ ଫୁଟାଇ ମିଠା ବାଣ୍ଟି ଆନନ୍ଦ ମନାଇଥିଲେ। ଶ୍ୱେତ ଦୋରା, ରାମ ପ୍ରସାଦ ମହାରଣା, ଶିବରାମ ପଣ୍ଡା, ସୋନୁ ପ୍ରଧାନ, ରାମ ଜେନାଙ୍କ ସମେତ ବହୁ ଅଞ୍ଚଳବାସୀ ସାମିଲ ହୋଇଥିଲେ।



କବିସୂର୍ଯ୍ୟ ବଳଦେବ ସ୍ମୃତି ସଂସଦ ଓ ଅନ୍ୟମାନେ ଉତ୍ସବ ମନାଉଛନ୍ତି।

# ବାଲିଛାଇ ଫାଣ୍ଡି କୋଠା ଉଦ୍‌ଘାଟିତ

**ପୋଲସରା/ହାଟୀଓଟ, ୭।୮(ଡି.ଏନ.ଏ.)**

ପୋଲସରା ବ୍ଲକ ତଥା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ବାଲିଛାଇ ପଞ୍ଚାୟତ ବାଲିଛାଇ ଗ୍ରାମରେ ବୁଧବାର ପୋଲିସ ଫାଣ୍ଡିର ନୂତନ କୋଠାକୁ ବିଧାୟକ ଶ୍ରୀକାନ୍ତ ସାହୁ ଉଦଘାଟନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଏସ୍‌ପି ବ୍ରିଜେଶ କୁମାର ରୟ, ଛତ୍ରପୁର ଏସଡିପିଓ ଉତ୍କଳ କେଶରୀ ଦାସ, ପୁରୁଷୋତ୍ତମପୁର ଏସଡିପିଓ ନିମାଇଁ ଚରଣ ସେଠୀ, ବ୍ଲକ ଉପାଧ୍ୟକ୍ଷ ସଂଯୁକ୍ତା ବାଡ଼ତ୍ୟା, ସ୍ଥାନୀୟ ସରପଞ୍ଚ ମନୋଜ କୁମାର ପ୍ରଧାନ, ତହସିଲଦାର ଅଶୋକ କୁମାର ପ୍ରଧାନ ଓ ପୋଲସରା ଥାନାଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ, କବିସୂର୍ଯ୍ୟନଗର ଥାନାଧିକାରୀ ତପନ କୁମାର ପତି, ବାଲିଛାଇ ଫାଣ୍ଡି ଅଧିକାରୀ ଉମା ଚରଣ ପ୍ରହରାଜ ପ୍ରମୁଖ ଉପସ୍ଥିତ ଥିଲେ। କୌଣସି ଆପରାଧିକ ଘଟଣା ସମ୍ପର୍କରେ ସୂଚନା ପାଇଲେ କିମ୍ବା ପୋଲିସର ସାହାର୍ଯ୍ୟ ଆବଶ୍ୟକ ହେଲେ ୧୦୦ ନମ୍ବରକୁ ଫୋନ କରିବାକୁ ଏସ୍‌ପି ରୟ ଏହି ଅବସରରେ କହିଥିଲେ। ସୂଚନାଯୋଗ୍ୟ, ୧୯୬୨ ମସିହାରେ ବାଲିଛାଇ ଫାଣ୍ଡି ସ୍ଥାପିତ ହୋଇଛି।

କାଳିଆ ଯୋଜନା ହିତାଧିକାରୀ ତାଲିକା ଯାଞ୍ଚ କର୍ମଶାଳା

# ଦିଗପହଣ୍ଡି ବ୍ଲକ: ୪୦ ହଜାର ଚାଷୀ ପାଇବେ ସହାୟତା



ବ୍ଲକ ନୋଡାଲ ଅଧିକାରୀ ଉଦ୍‌ବୋଧନ ଦେଉଛନ୍ତି।

**ଦିଗପହଣ୍ଡି,୭।୮(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ମଙ୍ଗଳବାର ପଞ୍ଚାୟତସ୍ତରୀୟ କାଳିଆ ଯୋଜନା ହିତାଧିକାରୀ ତାଲିକା ଯାଞ୍ଚ ନିମନ୍ତେ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ କାଳିଆ ଯୋଜନା ବ୍ଲକସ୍ତରୀୟ ସମନ୍ୱୟ କମିଟି ଅଧ୍ୟକ୍ଷ ତଥା ବିଡିଓ ହଳଧର ଶବର ଅଧ୍ୟକ୍ଷତା କରିଥିଲେ। ବ୍ଲକ ନୋଡାଲ ଅଫିସର ତଥା ସହକାରୀ କୃଷି ଅଧିକାରୀ ପଦାରବିନ୍ଦ ସାହୁ କାଳିଆ ଯୋଜନା ହିତାଧିକାରୀ ତାଲିକା ଯାଞ୍ଚ ନିମନ୍ତେ ରହିଥିବା ସମସ୍ତ ନୀତି ନିୟମ ସମ୍ପର୍କରେ ଉପସ୍ଥିତ ପଞ୍ଚାୟତସ୍ତରୀୟ ନୋଡାଲ ଅଧିକାରୀ, ସମବାୟ ସମିତି ସମ୍ପାଦକ, କୃଷକ ସାଥୀ ଏବଂ ଉପସ୍ଥିତ ରାଜସ୍ୱ ନିରୀକ୍ଷକମାନଙ୍କୁ ବୁଝାଇଥିଲେ। କର୍ମଶାଳାରେ ବ୍ଲକ ସହକାରୀ ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ନିଖିଲ କୁମାର ମହାରଣା, ବ୍ଲକ ପ୍ରାଣୀ ସମ୍ପଦ ଅଧିକାରୀ ଡ଼ା. ଅନୀତା ଦୋରା, ପ୍ରାଣୀ ଚିକିତ୍ସକ ଡ଼ା. ସିଦ୍ଧାର୍ଥ ପାଣିଗ୍ରାହୀ, ଡ଼ା. ଚିତ୍ତରଞ୍ଜନ ପଣ୍ଡା, ଜିପିଓ ରମାକାନ୍ତ ଚୌଧୁରୀ ପ୍ରମୁଖ ମଞ୍ଚାସୀନ ଥିଲେ ।

ଦିଗପହଣ୍ଡି ବ୍ଲକରେ ମୋଟ ୪୦ ହଜାର ଚାଷୀଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି। ପ୍ରାୟ ୨୦ ହଜାର ଚାଷୀ ପ୍ରଥମ ପର୍ଯ୍ୟାୟ ସହାୟତା ଅର୍ଥ ପାଇଛନ୍ତି। ସେମାନଙ୍କୁ ପୁଣି ୨ୟ କିସ୍ତି ସହାୟତା ଅର୍ଥରାଶି ପ୍ରଦାନ କରାଯିବ। ବଳକା ରହିଯାଇଥିବା ଚାଷୀଙ୍କୁ ପ୍ରଥମ କିସ୍ତି ଅର୍ଥରାଶି ପ୍ରଦାନ ପାଇଁ ସୁପାରିସ କରାଯିବ ବୋଲି ବିଡିଓ କହିଛନ୍ତି। ଆସନ୍ତା ୧୪ ତାରିଖ ଯାଏ ହିତାଧିକାରୀ ତାଲିକା ଯାଞ୍ଚ କରାଯିବ। କାଳିଆ ଯୋଜନାରେ ସାମିଲ ହୋଇଥିଲେ ମଧ୍ୟ ପୁନର୍ବାର ଯାଞ୍ଚ କରାଯାଇ ଅଯୋଗ୍ୟ ହିତାଧିକାରୀଙ୍କ ନାମ ତାଲିକାରୁ ବାଦ୍ ଦିଆଯିବ । କୌଣସି ଚାପରେ ନ ପଡ଼ି ପ୍ରକୃତ ହିତାଧିକାରୀ ଚୟନ କରିବାକୁ ବିଡିଓ ପରାମର୍ଶ ଦେଇଥିଲେ।

# ୩୭୦ ଉଚ୍ଛେଦ ପ୍ରତିବାଦରେ ସିପିଆଇ (ଏମ୍‌ଏଲ୍)ର ବିକ୍ଷୋଭ

**ଆସିକା,୭।୮(ଡି.ଏନ୍.ଏ.)**

ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ କରି ଜମ୍ମୁ-କଶ୍ମୀର ଜନସାଧାରଣଙ୍କ ସ୍ୱତନ୍ତ୍ର ଅଧିକାର ଛଡାଇ ନେବା ସହ କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ସମ୍ବିଧାନର ସମ୍ପୂର୍ଣ୍ଣ ଉଲଘଂନ ଓ ଗଣତନ୍ତ୍ରର ହତ୍ୟା ବୋଲି ଗଞ୍ଜାମ ଜିଲା ସିପିଆଇ (ଏମ୍-ଏଲ୍) ରେଡ୍‌ଷ୍ଟାର୍ ପକ୍ଷରୁ ଅଭିଯୋଗ କରାଯାଇଛି। ବୁଧବାର ମଧ୍ୟାହ୍ନରେ ଆସିକା ବସ୍‌ଷ୍ଟାଣ୍ଡଠାରେ ଦଳ ପକ୍ଷରୁ ଅନୁଷ୍ଠିତ ଏକ ଗଣ ବିକ୍ଷୋଭରେ ଜମ୍ମୁ-କଶ୍ମୀର ବାସୀଙ୍କୁ ବନ୍ଦିମୁକ୍ତ କରି ସେମାନଙ୍କ ଆତ୍ମ ନିର୍ଣ୍ଣୟର ଅଧିକାର ନିମନ୍ତେ ଦାବି କରାଯାଇଛି। କେନ୍ଦ୍ର ମୋଦିସରକାର ସଂଖ୍ୟା ଗରିଷ୍ଠତାର ଅପବ୍ୟବହାର କରି ଜମ୍ମୁ-କଶ୍ମୀରବାସୀଙ୍କ ଅଧିକାର ଓ ଦାବିକୁ ଦଳି ଚକଟି ଦେଇଛି। ଉଗ୍ର ଜାତୀୟତାବାଦ ସୃଷ୍ଟି କରି ଦେଶରେ ଦେଖାଦେଇଥିବା ଆର୍ଥିକ ମାନ୍ଦାବସ୍ଥା, ଉତ୍କଟ ବେକାରୀ, ଦରବୃଦ୍ଧି, କୃଷି ସମସ୍ୟା, ଟଙ୍କାର ମୂଲ୍ୟ ହ୍ରାସ ଭଳି ପରିସ୍ଥିତିରୁ ଜନସାଧାରଣଙ୍କ ଦୃଷ୍ଟି ଏଡାଇବା ଲାଗି ଏହି ପଦକ୍ଷେପ ନେଇଥିବା ଅଭିଯୋଗ କରାଯାଇଛି। ଦଳର ଜିଲା ସମ୍ପାଦକ ଶଙ୍କର ସାହୁଙ୍କ ନେତୃତ୍ୱରେ ହୋଇଥିବା ଏହି ବିକ୍ଷୋଭରେ ଆସିକା ବ୍ଲକ୍ ସମ୍ପାଦକ ରାମଚନ୍ଦ୍ର ବାଡତ୍ୟା, ନିର୍ମାଣ ଶ୍ରମିକ ସଂଘ ନେତା କାହ୍ନୁ ଚୌଧୁରୀଙ୍କ ସମେତ ବହୁ କର୍ମୀ ସାମିଲ୍ ଥିଲେ।

# ଗଞ୍ଜାମ କଲେଜର ପ୍ରତିଷ୍ଠା ଉତ୍ସବ



ପ୍ରତିଷ୍ଠା ଉତ୍ସବରେ ବିଧାୟକଙ୍କୁ ସମ୍ବର୍ଦ୍ଧନା।

**ଗଞ୍ଜାମ,୭।୮(ଡି.ଏନ.ଏ.)**

ଗଞ୍ଜାମ କଲେଜ ଅଡିଟୋରିୟମ ହଲରେ ବୁଧବାର ତା'ର ୫୧ତମ ପ୍ରତିଷ୍ଠା ଉତ୍ସବ ପାଳନ କରାଯାଇଛି। ମୁଖ୍ୟଅତିଥି ଭାବେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଏହାର ଶୁଭାରମ୍ଭ କରିଥିଲେ । ମୁଖ୍ୟବକ୍ତା ଭାବେ ଦକ୍ଷିଣ ଓଡ଼ିଶା ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ତ୍ରିପାଠୀ ଯୋଗ ଦେଇଥିଲେ। ଶିକ୍ଷାନୁଷ୍ଠାନ ହେଉଛି ମଣିଷ ଗଢ଼ା କାରଖାନା ବୋଲି ବିଧାୟକ କହିଥିଲେ। ଗଞ୍ଜାମ କଲେଜ ଅଧ୍ୟକ୍ଷ ଡ. ରଙ୍ଗନାଥ କାନୁନଗୋ ଅତିଥି ପରିଚୟ ସହ କଲେଜର ବିଭିନ୍ନ ସମସ୍ୟା ବିଧାୟକଙ୍କୁ ଜଣାଇଥିଲେ। ଏହି କଲେଜକୁ ୫୦ ବର୍ଷ ପୂର୍ତ୍ତି ହୋଇଯାଇଥିଲେ ମଧ୍ୟ ନିଜସ୍ୱ ପଟ୍ଟା ନଥିବା ଯୋଗୁଁ ନାକ୍ ମାନ୍ୟତା ପାଇବାରୁ ବଞ୍ଚିତ ଥିବା ଉଦ୍‌ବେଗ ପ୍ରକାଶ ପାଇଥିଲା। ସମସ୍ତ ସମସ୍ୟା ସମାଧାନ ପାଇଁ ଉଦ୍ୟମ କରିବେ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ରାଜନୀତି ବିଜ୍ଞାନ ଅଧ୍ୟାପକ ଅମର ବିଶୋଇ, ଇଂଲିଶ ଅଧ୍ୟାପକ ନୃସିଂହ ଚରଣ ସାହୁ, ରୋହିତ କୁମାର ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଓଡ଼ିଆ ଅଧ୍ୟାପକ ଲକ୍ଷ୍ମୀ ଚରଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କଲେଜ ପକ୍ଷରୁ ବିଧାୟକଙ୍କୁ ଉପଢ଼ୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ରାମଗିରିରେ ବୃଦ୍ଧି ପାଉଛି ଚୋରି

**ଆର.ଉଦୟଗିରି,୭।୮(ଡି.ଏନ.ଏ.)**

ଆର.ଉଦୟଗିରି ବ୍ଲକ ରାମଗିରି ଗ୍ରାମର ଜଣଙ୍କ ଘରେ ଅଳ୍ପଦିନ ବ୍ୟବଧାନରେ ୨ ଥର ଚୋର ପଶିଥିବା ଅଭିଯୋଗ ହୋଇଛି। ଏପରି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଭୟ ସୃଷ୍ଟି ହୋଇଛି। ଦୋକାନୀଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକେ ମଧ୍ୟ ସୁରକ୍ଷିତ ମନେ କରୁନାହାନ୍ତି। ସେପଟେ ପୋଲିସ ହାତ ଖାଲି ରହିଛି। ପ୍ରକାଶ ଯେ, ଗତ ୨୩ ମଧ୍ୟ ରାତ୍ରରେ ଦୁର୍ବୃତ୍ତମାନେ ରାମଗିରି ତଳ ସାହିର କୁରେଶ ପାଇକଙ୍କ ଘରୁ ଚୋରି ହୋଇଥିଲା। କୁରେଶ ଓ ତାଙ୍କ ସ୍ତ୍ରୀ ଶୋଇଥିବା ବେଳେ ଘର ତାଲା ଭାଙ୍ଗି ଦୁର୍ବୃତ୍ତ ଆଲମିରାରୁ ୪ ତୋଳା ସୁନା, ୩ ତୋଳା ରୁପା ଓ ୧୫ ହଜାର ଟଙ୍କା ଚୋରି କରି ନେଇଯାଇଥିଲେ। ଏ ନେଇ ପରଦିନ ଅର୍ଥାତ ଜୁଲାଇ ୨୪ରେ କୁରେଶ ରାମଗିରି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୩୬/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲେ ମଧ୍ୟ ଚୋରଙ୍କ ଟେର ପାଇନି। ତେବେ ଚୋରି ଘଟଣାର ୧୦ ଦିନ ପରେ ଅର୍ଥାତ ଗତ ୪ ତାରିଖ ମଧ୍ୟ ରାତିରେ ଦୁର୍ବୃତ୍ତମାନେ ପୁଣି କୁରେଶଙ୍କ ଘରୁ ଚୋରି ଉଦ୍ୟମ କରୁଥିଲେ। ଦୁର୍ବୃତ୍ତ ଘର କବାଟ ଭାଙ୍ଗୁଥିବା ବେଳେ କୁରେଶଙ୍କ ପରିବାର ଲୋକେ ଶୁଣି ପାଟି କରିଥିଲେ। ପାଟି ଶୁଣି ଚୋର ଦୌଡ଼ି ପଳାଇଥିଲେ। ଏନେଇ କୁରେଶ ପୁଣି ରାମଗିରି ଥାନାରେ ଲିଖିତ ଜଣାଇବାରୁ ପୋଲିସ ଆଉ ଏକ ମାମଲା ନଂ. ୩୮/୧୯ ରୁଜୁ କରିଥିଲା। ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରାଯାଇଥିଲେ ମଧ୍ୟ ଦୁର୍ବୃତ୍ତଙ୍କୁ ପୋଲିସ ଧରିବାରେ ସକ୍ଷମ ହୋଇପାରିନି। ଏହା ପୋଲିସର କାର୍ଯ୍ୟପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏନେଇ ଥାନାଧିକାରୀ ମମତା ନାୟକ କହିଛନ୍ତି, ଚୋରି ଘଟଣାରେ ୩ ନାବାଳକ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି। ପୂର୍ବରୁ ସେମାନେ ଏକ ମୋବାଇଲ ଦୋକାନରୁ ଚୋରି କରିଥିଲେ। ସେମାନଙ୍କ ବାପାଙ୍କୁ ନୋଟିସ ଦେଇ ଛାଡି ଦିଆଯାଇଥିଲା। ଏହାର ଅଧିକ ତଦନ୍ତ ଚାଲୁ ରହିଛି ।




2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ